

# ଚୋରି ସୁନା ବିକି ବଣିଆ, ଦୋକାନୀ କୋଟିପତି

ଭୁବନେଶ୍ୱର, ୧୬।୬(ସମିସ)

ଅମୂଲମୂଲ ହେଲାଣି ସୁନା ଦର। ମାର୍କେଟ୍‌ରେ ଏବେ ସୁନା ଦର ୧୦ ଗ୍ରାମ ପ୍ରତି ୬୬ ହଜାର ଟଙ୍କା। ତଥାପି ସୁନା ପ୍ରତି ଦୁର୍ବଳତା ଥିବାରୁ ସମସ୍ତେ ସୁନା କିଣି ପିନ୍ଧୁଛନ୍ତି। ଘରୁ ସୁନା ପିନ୍ଧି ପଦାକୁ ଆସୁଛନ୍ତି। କିନ୍ତୁ ସେଇ ସୁନା ଘରକୁ ପୁଣି ଫେରିବ ତା'ର କିଛି ଗ୍ୟାରେଣ୍ଟି ରହୁ ନାହିଁ। କାରଣ, ରାଜଧାନୀରେ ଏବେ ମାତିଛନ୍ତି ଲୁଟେରା। କ୍ଷଣିକେ ହାତରୁ ବ୍ରେସ୍‌ଲେଟ୍ କିମ୍ବା ବେକରୁ ସୁନାଚେନ୍ ଓ ହାର ଝାମ୍ପି ନେଉଛନ୍ତି। ଏହି ସବୁ ଚୋରି ସୁନାକୁ ଲୁଟେରାଙ୍କ ଠାରୁ ବଣିଆ କିମ୍ବା ସୁନା ଦୋକାନୀ କମ୍ ମୂଲ୍ୟରେ କିଣି ବିକ୍ରି କରୁଛନ୍ତି। ପରେ ଚୋରି ସୁନାରେ ଟିକସ୍ ଓ ଗଢ଼ାମୂଲ୍ୟ ଯୋଡ଼ି ଗ୍ରାହକଙ୍କ ଠାରୁ ଅଧିକ ଟଙ୍କା ଭିଡ଼ି ନେଉଛନ୍ତି। ଫଳରେ ଚୋରି ସୁନାକୁ ବିକ୍ରି କରି କିଛି ବଣିଆ ଓ ଦୋକାନୀ କୋଟିପତି ହୋଇଯାଇଛନ୍ତି। ସହରରେ ଚୋରି ସୁନା ପଛରେ ଦୋକାନୀ ଓ ବଣିଆଙ୍କ ସମ୍ପୃକ୍ତି ବଢ଼ିଚାଲିଛି। ସେମାନେ ଚୋରି ସୁନା କିଣୁଥିବାରୁ ଲୁଟେରାମାନେ ସହରରେ ସୁନା ଲୁଟ୍‌ପାଟ୍ କରି ଘାଇଲା କଲେଣି। କେଉଁଠି ଛିନ୍‌ତାଇ ତ କେଉଁଠି ସୁନା ଦୋକାନରେ ଡକାୟତି କଲେଣି। ଚୋରି ସୁନା ପଛରେ ବଣିଆ ଓ ଗ୍ରାମାଞ୍ଚଳରେ ଦୋକାନ କରିଥିବା କିଛି ଛୋଟ ସୁନା ଦୋକାନୀଙ୍କ ସମ୍ପୃକ୍ତି ପଦାକୁ ଆସୁଛି। ଚୋରି ସୁନା କିଣୁଥିବା ବଣିଆ ଓ ଦୋକାନୀଙ୍କୁ କଡ଼ା ତାଗିଦ୍ କରିଛି କମିସନରେଟ ପୁଲିସ। ଏପରିକି ଚୋରି ସୁନା ଧରାପଡ଼ିଲେ ସମ୍ପୃକ୍ତ ବଣିଆ କିମ୍ବା ଦୋକାନୀଙ୍କ ଦୋକାନରେ ଥିବା ସମସ୍ତ ସୁନାଗହଣା ଜବତ କରାଯିବ। ଖୁବ୍‌ଶୀଘ୍ର ଏ ନେଇ ସମସ୍ତଙ୍କ ଅବଗତ ନିମନ୍ତେ ଏକ ମାର୍ଗଦର୍ଶିକା ଜାରି କରିବା ଲାଗି ଯୋଜନା ହୋଇଛି। ଏବେ ଠାରୁ ସର୍ତକ ହୋଇ ଚୋରି ସୁନା ନ କିଣିବା ଲାଗି କମିସନରେଟ ପୁଲିସ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି।

ଭୁବନେଶ୍ୱରରୁ ଲୁଟ୍ ହେଉଥିବା ସୁନାକୁ କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର କିଛି ବଣିଆ କିଣୁଛନ୍ତି। ସେଇ ଅଞ୍ଚଳରେ ଥିବା ଗ୍ରାମାଞ୍ଚଳରେ ଚୋରି ସୁନାଗୁଡ଼ିକୁ ବିକ୍ରି କରୁଛନ୍ତି। ବଜାରରେ ଥିବା ସୁନା ଦର ଠାରୁ କମ୍ ମୂଲ୍ୟରେ ବିକ୍ରି କରୁଥିବା ଲୋକେ ବି କିଣିବାକୁ ପସନ୍ଦ କରୁଛନ୍ତି। ସେହିପରି ଚୋରି ସୁନାର ନେଟ୍‌ୱର୍କ ବିଦେଶକୁ ଲମ୍ବିଛି। ହାୱାଲା କାରବାର ଭଳି ଦଲାଲ୍‌ଙ୍କ ଜରିଆରେ ବିଭିନ୍ନ ବାଟ ଦେଇ ବିଦେଶରେ ପହଞ୍ଚି ଯାଉଛି। କର୍ପୋରେଟ୍ ଢାଞ୍ଚାରେ ଚୋରି ସୁନାର କାରବାର ସାମ୍ରାଜ୍ୟ ଚାଲୁଛି। ସୁନା ଚୋରି ହେବା ପରେ ୩ରୁ ୪ଟି ସ୍ତରରେ କିଣାବିକା ହୋଇ ପୁଣି ବଜାରରେ ବିକ୍ରି କରାଯାଉଛି। ଏଥିରେ ଲୁଟେରା, ବଣିଆ, ସୁନାଦୋକାନୀ ଓ କିଛି ମଧ୍ୟସ୍ଥିଙ୍କ ଭୂମିକା ରହୁଛି। ବଣିଆ କିମ୍ବା ସୁନା ଦୋକାନୀଙ୍କ ଅଧିକ ଭୂମିକା ରହିଥିବାର ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗତ ବର୍ଷେ ଭିତରେ ଚୋରି ସୁନା କିଣୁଥିବା ୨୦ରୁ ଅଧିକ ବଣିଆ ଆଇନ୍ ଜାଲରେ ଫସିଛନ୍ତି। ସେମାନଙ୍କ ମଧ୍ୟରେ ରାମମୂର୍ତ୍ତି ତାଙ୍କ ପୁଅ ଆଦିତ୍ୟ ଏବଂ ସୁବ୍ରତ, ଟି.ବାବୁରାଓ, ପଦ୍ମଲୋଚନ ରଣା, ପୁଷ୍ପାରଞ୍ଜନ ସାହୁ, ପ୍ରବୀଣ ବଳିରାମ ଲୋଖଣ୍ଡେ, ସୁନାମ ଚରଣ ସାହୁଙ୍କ ଭଳି ବଣିଆଙ୍କୁ ଗିରଫ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ସାମ୍ରାଜ୍ୟ ଚଳାଇଥିବା କିଛି ବଣିଆ ଏବେ ପୁଲିସର ସ୍କାନର୍‌କୁ ଆସିଥିବାରୁ ସେମାନଙ୍କୁ ଥାନାରେ ହାଜର ହେବାକୁ ନୋଟିସ୍ ହୋଇଛି।

- ଧରାପଡ଼ିଲେ ଜବତ ହେବ ଦୋକାନର ସବୁ ସୁନା
- ବିଦେଶକୁ ଲମ୍ବିଛି ଚୋରି ସୁନାର ନେଟ୍‌ୱର୍କ
- ବଣିଆଙ୍କ ଠାରୁ ମିଳିଛି ଜବତ ସୁନାର ଏକ ତୃତୀୟାଂଶ

ଚୋରି ହେଉଥିବା ସୁନା କିମ୍ବା ସମ୍ପତ୍ତି ଜବତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଏହିକ୍ରମରେ ଗତ ୪ମାସ ହେବ ଏକାଧିକ ଲୁଟେରା ଗ୍ୟାଙ୍ଗ୍‌କୁ ଠାବ କରାଯାଇଛି। ସେମାନଙ୍କ ଠାରୁ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ ହୋଇଛି। ଏଥିରେ ୩ କିଲୋ ସୁନା, ୬୯ଟି ସୁନାଚେନ, ୧୦ କିଲୋ ରୁପା, ନଗଦ ୫୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଜବତ ହୋଇଥିବା ସୁନାର ଏକ ତୃତୀୟାଂଶ ସୁନାଗହଣା ବଣିଆ କିମ୍ବା ସୁନା ଦୋକାନୀଙ୍କଠାରୁ ଠାବ କରିଛି କମିସନରେଟ ପୁଲିସ।

### ସ୍ୱର୍ଣ୍ଣ ଋଣ ପ୍ରଦାନକାରୀ ସଂସ୍ଥାକୁ ଲୁଟେରାଙ୍କ ତାଲିକା ପ୍ରଦାନ

ସୁନା ଲୁଟ୍ କରିବା ପରେ ସୁନା ନେଇ ଋଣପ୍ରଦାନକାରୀ ସଂସ୍ଥାରେ ବନ୍ଧକ ରଖି ଋଣ ଆକାରରେ ଟଙ୍କା ନେଉଛନ୍ତି ଲୁଟେରା। ବିନା କାଗଜପତ୍ର ଯାଞ୍ଚ କିମ୍ବା ଜାଲ ରସିଦ୍‌ରେ ସୁନାକୁ ବନ୍ଧକ ରଖି ଲକ୍ଷ ଲକ୍ଷ ଟଙ୍କା ଋଣ ଦିଆଯାଉଛି। ସେହି ଟଙ୍କା ମଦ ଓ ଯୁବତୀଙ୍କ ପିଛା ଉଡ଼ାଇ ମଉଜ କରୁଛନ୍ତି ଲୁଟେରା। କିଏ ବିଦେଶକୁ ଭ୍ରମଣରେ ଯାଉଛି ତ ଆଉ କିଏ ପ୍ରେମିକାକୁ ଖୁସି କରିବାକୁ ଲୁଟ୍ କରୁଛି। ରାଜ୍ୟରେ ଥିବା ସମସ୍ତ ଋଣପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଏହି ସମସ୍ତ ପେସାଦାର ଲୁଟେରାଙ୍କ ତାଲିକା ଦିଆଯାଇଛି। ସଂସ୍ଥାର ମୁଖ୍ୟ ତାଲିକା ନେଇ ନିଜ ପାଖରେ ରଖିବେ। ସୁନା ବନ୍ଧକ ରଖୁଥିବା ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରାଯିବ। ଯଦି ଲୁଟେରାଙ୍କ ତାଲିକାରେ ଥିବା କୌଣସି ବ୍ୟକ୍ତି ସୁନାବନ୍ଧକ ରଖିବାକୁ ସଂସ୍ଥାକୁ ଆସନ୍ତି, ଉପରୋକ୍ତ ସଂସ୍ଥାଗୁଡ଼ିକ ସ୍ଥାନୀୟ ପୁଲିସକୁ ଅବଗତ କରାଇବେ। କୌଣସି ପରିସ୍ଥିତିରେ ଅପରାଧୀଙ୍କ ଠାରୁ ସୁନା ନେଇ ଋଣ ଦେଇଥିବାର ପ୍ରମାଣ ମିଳିଲେ, ସମ୍ପୃକ୍ତ ଋଣପ୍ରଦାନକାରୀ ସଂସ୍ଥାର ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରାଯିବ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ଋଣପ୍ରଦାନକାରୀ ସଂସ୍ଥାରେ ତାଲା ଝୁଲାଇବାକୁ ବି ବ୍ୟବସ୍ଥା କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ନାବାଳିକାଙ୍କୁ ଏସିଡ୍ ମାଡ଼ ଧମକ; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୧୬।୬ (ସମିସ): ଏକତରଫା ପ୍ରେମ କରି ବିଫଳ ହେବାପରେ ନାବାଳିକାଙ୍କୁ ଏସିଡ୍ ମାଡ଼ କରିବାକୁ ଧମକ ଦେଇଥିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏୟାରଫିଲ୍ଡ ଥାନା ପଧାନ ସାହିରେ ରହୁଥିବା ଜଙ୍କିଆର ସୁଶାନ୍ତ ଭୋଇ (୧୯)। ପୁଲିସ ସୂଚନା ଅନୁସାରେ, ଏୟାରଫିଲ୍ଡ ଥାନା ଅଞ୍ଚଳରେ ପରିବାର ସହିତ ରହୁଥିବା ଜଣେ ନାବାଳିକା ସ୍ଥାନୀୟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବା ସୁଶାନ୍ତ ତାଙ୍କୁ ସ୍କୁଲ୍ ଓ ଟ୍ୟୁସନ ଯିବା ରାସ୍ତାରେ ନିୟମିତ ଭାବେ ହଇରାଣ ହରକତ କରିବା ସହିତ ତାଙ୍କୁ ଭଲ ପାଇବା ଲାଗି ବାଧ କରୁଥିଲା। ଏଥିସହିତ ତାଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତ ବିବାହ କରିବାର ଧମକ ମଧ୍ୟ ଦେଉଥିଲା। ରବିବାର ସକାଳେ ସୁଶାନ୍ତ ତାଙ୍କ ଘରେ ଜୋରଜବରଦସ୍ତ ପଶି ସମ୍ପୃକ୍ତ ନାବାଳିକାକୁ ନିଜ ସହ ଯିବା ଲାଗି କହିଥିଲା। ତା' ସହିତ ନଗଲେ ସେ ତାଙ୍କ ଉପରେ ଏସିଡ୍ କରି ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା। ଏଥିସହିତ ପରିବାର ସଦସ୍ୟଙ୍କୁ ମଧ୍ୟ ଶାନ୍ତିରେ ରଖାଇ ଦେବନାହିଁ ବୋଲି ଧମକ ଦେଇଥିଲା। ଏ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ସୁଶାନ୍ତକୁ ଗିରଫ କରିଥିଲା।

# ଅଟୋ ଷ୍ଟାଣ୍ଡରୁ ଚୋର ଗିରଫ

ଭୁବନେଶ୍ୱର, ୧୬।୬(ସମିସ): ଅଟୋ ଷ୍ଟାଣ୍ଡରେ ଚୋରା ଲାପ୍‌ଟପ୍ ଓ ମୋଟରସାଇକଲ ବିକ୍ରି କରୁଥିବା ଚୋରକୁ ମାଡ଼ି ବସିଛି ପୁଲିସ। ତା' ଠାରୁ ଲାପ୍‌ଟପ୍ ଓ ବାଇକ୍ ଜବତ କରିବା ସହିତ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛି ରେହମତ ନଗରର ଏସ୍‌କେ ଔରଙ୍ଗଜେବ (୨୩)। ପୁଲିସ ସୂଚନା ଅନୁସାରେ, ଖଣ୍ଡଗିରି ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ରଘୁନାଥ ନଗର ଅଞ୍ଚଳରେ ଚୋରା ଲାପ୍‌ଟପ୍ ଓ ବାଇକ୍ ବିକ୍ରି ହେଉଥିବା ନେଇ ଖବର ପାଇଥିଲେ। ପୁଲିସ ଟିମ୍ ରଘୁନାଥ ନଗର ଅଟୋ ଷ୍ଟାଣ୍ଡ ନିକଟରେ ଚଢ଼ଉ କରି ଔରଙ୍ଗଜେବକୁ କାବୁ କରିଥିଲା। ତା' ଠାରୁ ଦୁଇଟି ଲାପ୍‌ଟପ୍ ଓ ଦୁଇଟି ବାଇକ୍ ଜବତ କରିଥିଲା। ସେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଏହାକୁ ଚୋରି କରିଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲା। ଔରଙ୍ଗଜେବ ନାମରେ ପୂର୍ବରୁ ମଧ୍ୟ ନୂଆପଲ୍ଲୀ ଥାନାରେ ଦୁଇଟି ଓ ଖଣ୍ଡଗିରି ଥାନାରେ ଦୁଇଟି ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ଔରଙ୍ଗଜେବକୁ କୋର୍ଟ ଚାଲାଣ କରିଛି।



# ପାଠ ପଢ଼ିବାକୁ ତାଗିଦ କରିବାରୁ ଝୁଲିପଡ଼ିଲେ ଛାତ୍ର

ଭୁବନେଶ୍ୱର, ୧୬।୬(ସମିସ): ଛୋଟ ଛୋଟ କଥାରେ ବିଗିଡ଼ିଯାଉଛି ଛୋଟ ପିଲାଙ୍କ ମାନସିକ ସ୍ଥିତି। ପରିବାର ଲୋକ ପାଠ ପଢ଼ିବାକୁ ପାଟି କଲେ କିମ୍ବା ମୋବାଇଲ୍ ନଦେଲେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାଉନାହାନ୍ତି। ଏଭଳି ଘଟଣା ରାଜଧାନୀରେ ଏକାଧିକ ଘଟିଲାଣି। ରବିବାର ମଧ୍ୟ ଏଭଳି ଘଟଣା ମଞ୍ଚେଶ୍ୱରଥାନାବରିମୁଣ୍ଡରେଦେଖିବାକୁମିଳିଛି।ରଞ୍ଜନଦାଶନାମକ ଜଣେ ୧୫ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପୁଲିସ କହିବା ଅନୁସାରେ, ରଞ୍ଜନ ଅନେକ ସମୟରେ ପାଠ ନପଢ଼ି ଖେଳ ଓ ବୁଲାବୁଲିରେ ସମୟ ବିତାଏ। ଗତକାଲି ସେ ଏଭଳି ପାଠ ନପଢ଼ି ମୋବାଇଲ୍ ଖେଳାଉଥିଲା। ଏଭଳି ବାରମ୍ବାର ହେଉଥିବାରୁ ପରିବାର ଲୋକ ଗତକାଲି ତାଙ୍କୁ ପାଟି କରିଥିଲେ। ରଞ୍ଜନ ତୁରନ୍ତ ଘର ଭିତରକୁ ଯାଇ ପାଠ ପଢ଼ିଥିଲେ। ହେଲେ ରବିବାର ସକାଳେ ଘରେ କେହି ନଥିବା ସମୟରେ ସେ ଏକ ରୁମ୍‌ରେ ବେକରେ ଲୁଗା ଲଗାଇ ଝୁଲି ପଡ଼ିଥିଲେ। ଘରକୁ ତାଙ୍କ ମା' ଆସିବାପରେସେପୁଅକୁଏଭଳିଝୁଲନ୍ତାଅବସ୍ଥାରେଦେଖିପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ୩ ଦିନିଆ ରିମାଣ୍ଡରେ ଆସିବେ ଆୟାଜ୍-ଆୟୁଷ୍ମାନ

ଭୁବନେଶ୍ୱର, ୧୬।୬(ସମିସ)

କେବଳ ଲୁଟ୍ ନୁହେଁ, ଯୁବତୀଙ୍କୁ ନେଇ ଅନୈତିକ କାରବାର ଚଳାଇଥିଲେ। ଲୁଟ୍ ଟଙ୍କାରେ ଯୁବତୀଙ୍କ ସହ ରାତି ବିତାଉଥିଲେ। ଲୁଟେରାଙ୍କ ରଙ୍ଗିନ ଦୁନିଆର ସାଥୀ ଥିଲେ ଯୁବତୀ। ଲୁଟ୍ ଧନ୍ଦା ସହ ଯୁବତୀଙ୍କୁ ନେଇ ସେକ୍ସ କାରବାର ଚଳାଇଥିଲେ। କମିସନରେଟ ପୁଲିସ ପଞ୍ଝାରେ ପଡ଼ି ଗିରଫ ହୋଇଥିବା ହାଇୱେ ଲୁଟେରା ଗ୍ୟାଙ୍ଗ୍‌ର ଗୁମର ଫିଟୁଛି। ଗ୍ୟାଙ୍ଗ୍‌ର ଦୁଇ ମୁଖିଆ 'ଏଏ'ବା ଆୟାଜ ମହମ୍ମଦ ଓ ଆୟୁଷ୍ମାନ ତ୍ରିପାଠୀ ଚଳାଇଥିବା ଅନୈତିକ କାରବାର ସାମ୍ରାଜ୍ୟ ଖୋଲିବ। ଆୟାଜ ଓ ଆୟୁଷ୍ମାନଙ୍କୁ ୩ଦିନିଆ ରିମାଣ୍ଡରେ ଆଣିବ କମିସନରେଟ ପୁଲିସ। ସେମାନଙ୍କୁ ମୁହାଁମୁହିଁ ଜେରା କରିବା ପରେ ଆହୁରି ସୁନା ସହ ଯୁବତୀଙ୍କୁ ନେଇ ଚଳାଉଥିବା ଅନୈତିକ କାରବାରର ଆହୁରି ନୂଆ ନୂଆ ତଥ୍ୟ ପଦାକୁ ଆସିବ।

ଭୁବନେଶ୍ୱରରୁ ଭଦ୍ରକ, ଭୁବନେଶ୍ୱରରୁ ଅନୁଗୁଳ, ଭୁବନେଶ୍ୱରରୁ ବ୍ରହ୍ମପୁର, ଭୁବନେଶ୍ୱରରୁ ପୁରୀ ଯାଏଁ ପଡ଼ିଥିବା ଜାତୀୟ ରାଜପଥରେ ରାଜୁତି କରୁଥିଲେ ଏମାନେ। ଦାମୀ ବାଇକ୍‌ରେ ଦ୍ରୁତଗତିରେ ଆସି ସୁନାଚେନ୍ ଛିନ୍‌ତାଇ କରି ପଳାଉଥିଲେ। ସୁନାଚେନ୍‌କୁ ବନ୍ଧକ ରଖି ଆଣୁଥିବା ଟଙ୍କାରେ ଯୁବତୀଙ୍କ ସହ ରାତି ବିତାଉଥିଲେ। ବିଭିନ୍ନ ଦାମି ହୋଟେଲ୍‌ରେ ରହିବା ସହ ଯୁବତୀଙ୍କ ସହ ମଉଜ କରୁଥିଲେ। ଡ୍ୟାନ୍ସ ବାର୍ ଓ ପବ୍‌ରେ ଯୁବତୀଙ୍କ ପିଛା ଟଙ୍କା ଉଡାଉଥିଲେ। ଅନେକ ସମୟରେ ଫ୍ଲାଇଟ୍‌ରେ ଦିଲ୍ଲୀ, ମୁମ୍ବାଇ, ଗୋଆ ଭଳି ରାଜ୍ୟକୁ ଯାଉଥିଲେ। ସେଥିରେ ଯୁବତୀଙ୍କୁ ନେଉଥିଲେ କିମ୍ବା ସେଠାରେ ଯୁବତୀଙ୍କୁ ଯୋଗାଡ଼ କରି ସାଥୀରେ ରଖି ମଉଜ କରୁଥିଲେ। ସେହିପରି ଗୁରୁବାର ଦିନ ଆୟାଜ-ଆୟୁଷ୍ମାନଙ୍କ ସମେତ ଦେବାଶିଷ ବାରିକ, ଶିବପ୍ରସାଦ ବାରିକ, ରଜତ କୁମାର ନନ୍ଦକୁ ଗିରଫ କରାଯାଇଥିଲା। ୪ ଅଭିଯୁକ୍ତଙ୍କୁ ଜଟଣୀରୁ ଓ ଆୟୁଷ୍ମାନକୁ ରାଉରକେଲାରୁ ଗିରଫ କରାଯାଇଥିଲା। ଗିରଫ ଦିନ ସମସ୍ତ ଅଭିଯୁକ୍ତଙ୍କ ନିକଟରେ ଯୁବତୀ ରହିଥିଲେ। ପୁଲିସ ଧରିବା ଲାଗି ଘର ଭିତରେ ଚଢ଼ଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କ ରୁମ୍‌ରେ ଯୁବତୀ ରହିଥିଲେ। କିଏ ପ୍ରେମିକା ତ ଆଉ କିଏ ଥିଲେ ରୂପଜୀବୀ। ଯୁବତୀଙ୍କୁ ନେଇ ହୋଟେଲ୍ କିମ୍ବା ଭଡା ଘରେ ରହିବା ସହ ଦାମୀ ଉପହାର ଦେଉଥିଲେ। ଯୁବତୀଙ୍କ ପିଛା ଲୁଟ୍‌ର ଏକ ତୃତୀୟାଂଶ ଟଙ୍କା ଖର୍ଚ୍ଚ କରୁଥିଲେ। ଦାମୀ ମଦ ସହ ନୂଆ ଡ୍ରେସ୍ ପିନ୍ଧି ଯୁବତୀଙ୍କୁ ପ୍ରେମ ଫାସରେ ଫସାଉଥିଲେ। ଯୁବତୀଙ୍କୁ ନେଇ ଅନୈତିକ କାରବାର ଲିଙ୍କ୍ ପଦାକୁ ଆସିବା ପରେ ଆୟାଜ ଓ ଆୟୁଷ୍ମାନଙ୍କୁ ରିମାଣ୍ଡରେ ଆଣି ପୁଲିସ ଜେରା କରିବ। ଅନ୍ୟପକ୍ଷରେ ଏହି ଗ୍ୟାଙ୍ଗରେ ସମ୍ପୃକ୍ତି ରହିଥିବା ଆଉ କିଛି ବ୍ୟକ୍ତିଙ୍କୁ ଧରିଛି କମିସନରେଟ ପୁଲିସ। ସେମାନଙ୍କଠାରୁ କିଛି ସୁନା ଅଳଙ୍କାର ଜବତ କରାଯାଇଛି।

- ଚଳାଇଥିଲେ ଅନୈତିକ କାରବାର
- ଯୁବତୀଙ୍କ ସହ ସମୟ ବିତାଉଥିଲେ ୫ ଅଭିଯୁକ୍ତ

# ୟୁ ଟ୍ୟୁବ୍ ଚ୍ୟାନେଲ୍ ସବ୍‌ସ୍କ୍ରିପ୍‌ସନ୍ ଆଳରେ ୨୦ଲକ୍ଷ ଠକେଇ

ଭୁବନେଶ୍ୱର, ୧୬।୬(ସମିସ): ୟୁ-ଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପସନ୍ ଆଳରେ ଏବେ ସାଇବର ଠକେଇ ହୋଇଛି। ଏହି ଠକେଇ ଗତ କିଛି ମାସ ହେବ ବଢ଼ିଛି। ସାଇବର ଠକ ଦୁଇଗୁଣା ଅର୍ଥ ଦେବାକୁ କହୁଛନ୍ତି। ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଥମେ କିଛି ଲାଭ ଦେଉଛନ୍ତି। ପରେ ମୋଟା ଅଙ୍କର ଟଙ୍କା ଲଗାଇବା ପରେ ଛୁ' ମାରୁଛନ୍ତି। ଏଭଳି ଠକାମିର ଶିକାର ହୋଇଛନ୍ତି ପଟିଆ ଶ୍ରୀବିହାରର ବିକାଶ ସେଠୀ। ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଟଙ୍କା ଯାଇଥିବା ୪ଟି ଆକାଉଣ୍ଟକୁ ଫ୍ରିଜ୍ କରିଛି ସାଇବର ପୁଲିସ। ହେଲେ ଉକ୍ତ ଆକାଉଣ୍ଟରେ ଏକ ଲକ୍ଷ ଟଙ୍କା ଥିବା ଜଣାପଡ଼ିଛି। ଟଙ୍କା ନେବା ପରେ ସାଇବର ଠକ ଏହାକୁ ବିଭିନ୍ନ ଆକାଉଣ୍ଟ ମାଧ୍ୟମରେ ଉଠାଇ ନେଇଯାଇଥିଲେ। ଏହି ଠକେଇ ପଛରେ ରାଜ୍ୟ ବାହାରର ଅଭିଯୁକ୍ତଙ୍କ ସମ୍ପୃକ୍ତ ତଦନ୍ତରୁ ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ବର୍ତ୍ତମାନ ୟୁ-ଟ୍ୟୁବ୍ ଯୁଗରେ ସମସ୍ତେ ଭିଡିଓ ପୋଷ୍ଟ କରି ଟଙ୍କା ରୋଜଗାର କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ତେଣୁ ଏହା ମଧ୍ୟରେ ଶ୍ରୀବିହାରରେରହୁଥିବାବିକାଶଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ମେସେଜ୍ ଆସିଥିଲା। ଏଥିରେ ୟୁ-ଟ୍ୟୁବ୍ ସବ୍‌ସ୍କ୍ରିପସନ୍ କରି ପ୍ରତି ସବ୍‌ସ୍କ୍ରିପସନ୍ ପିଛା ୫୦ଟଙ୍କା କମାଇବାକୁ କହିଥିଲେ। ଏହି ମେସେଜ୍ ଦେଖିବା ପରେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲେ। ବିକାଶ ତାଙ୍କ ଫୋନ୍ ଉଠାଇବା ପରେ ଅଭିଯୁକ୍ତ ଜଣଙ୍କ ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର କରି କୋଟିପତି ହେବାର ସ୍ୱପ୍ନ ଦେଖାଇଥିଲେ। ପ୍ରତି ସବ୍‌ସ୍କ୍ରିପସନ୍ ପିଛା ୫୦ ଟଙ୍କା ଆକାଉଣ୍ଟକୁ ଆସିବ ବୋଲି କହିଥିଲେ। ଆଉ ଏକ ଟଙ୍କା ଟେଲିଗ୍ରାମ୍‌ରେ ଖୋଲାଯାଇଥିବା ଏକ ଆକାଉଣ୍ଟରେ ଆଡ୍ ହେବ। ଶେଷରେ ୫ହଜାର ଉପରେ ଟଙ୍କା ହେବା ପରେ ଏହାକୁ ଉଠାଇ ନେଇଯିବ ବୋଲି କହିଥିଲେ। ଏହା କହିବା ପରେ ଅଭିଯୁକ୍ତ ଏକ ଟେଲିଗ୍ରାମ୍ ଲିଙ୍କ୍ ପଠାଇଥିଲେ। ଏହାକୁ କ୍ଲିକ୍ କରିବା ପରେ ବିକାଶ ଆଡ଼ ହୋଇଯାଇଥିଲେ। ପରେ ହଠାତ୍ ଅନ୍ୟ ଜଣେ ଅଜଣା ବ୍ୟକ୍ତି ଫୋନ୍ କରି ବିକାଶଙ୍କୁ ଟଙ୍କା ଜମା କରି ଅଧିକ ସୁଧ ପାଇବାର ସ୍ୱପ୍ନ ଦେଖାଇଥିଲେ। ବିକାଶ ସ୍ୱଳ୍ପ ଟଙ୍କା ଲଗାଇବା ପରେ ଅଭିଯୁକ୍ତମାନେ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଥମେ ୧୨ ହଜାର ୬ଶହ ଟଙ୍କା ଏବଂ ପରେ ୧୫ଶହ ଟଙ୍କା ଦେଇଥିଲେ। ଏହି ଟଙ୍କା ପାଇବା ପରେ ବିକାଶଙ୍କ ଲୋଭ ବଢ଼ିଯାଇଥିଲା। ତେଣୁ ସେ ବିଭିନ୍ନ କିସ୍ତିରେ ୨୦ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ସାଇବର ଠକ ଆଉ ଟଙ୍କା ଫେରାଇନଥିଲେ। ଅଭିଯୁକ୍ତ କରିଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ରହିଥିଲା। ଟେଲିଗ୍ରାମ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ତାହା ମଧ୍ୟ କାମ କରିନଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ବିକାଶ ଥାନାରେ ଅଭିଯୋଗ କରିଛନ୍ତି।

- ସବ୍‌ସ୍କ୍ରିପ୍‌ସନ୍ ପିଛା ୫୦ ଟଙ୍କା ମିଳିବାର ଲୋଭ
- ବିଦେଶକୁ ଲମ୍ବିଛି ଠକେଇର ଚେର

## ରଜ ମଉଜ ଫିକା ପକାଇଲା ବେପରୁଆ ଗାଡ଼ି ଚାଳନା

# ଦୁଇ ଦିନରେ ଧରାପଡ଼ିଲା ୧୪୩ ଗାଡ଼ି

ଭୁବନେଶ୍ୱର, ୧୬।୬(ସମିସ)

ବେପରୁଆ ଚାଳକଙ୍କ ରଜ ମଉଜ ଫିକା କରିଛି କମିସନରେଟ ପୁଲିସ। ରାଜଧାନୀରେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଟ୍ରାଫିକ ନିୟମ ଭାଙ୍ଗୁଥିବା ଚାଳକ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିନାହାନ୍ତି। ନିୟମ ଖିଲାପ କରିଥିବାରୁ ଗାଡ଼ିଗୁଡ଼ିକୁ ଜବତ କରିଛି ଟ୍ରାଫିକ ପୁଲିସ। ଫଳରେ ଗାଡ଼ି ଚାଳକ ଅଧା ବାଟରେ ଅଟକ ରହି ପୁନଶ୍ଚ ଘରକୁ ଫେରି ଯାଇଛନ୍ତି। ଏପରିକି ବେପରୁଆ ଓ ମଦ୍ୟପ ଚାଳକଙ୍କୁ କୋର୍ଟ ତାସ୍ଲାଏ କରୁଛି। ଗାଡ଼ି ମୁକୁଳାଇବା ଲାଗି ସପ୍ତାହେ ସମୟ ଓ ଅଧିକ ଜରିମାନା ରାଶି ଗଣିବାକୁ ପଡୁଛି। ଏତେ ସବୁ ସତ୍ତ୍ୱେ ବି ଅମାନିଆ ଚାଳକଙ୍କ ଚେତା ପଶୁଛି ନା ସୁଧୁରୁଛନ୍ତି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା, ବିପରୀତ ଦିଗରେ ଗାଡ଼ି ଚାଳନା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପିବା ଆଦି କ୍ଷେତ୍ରରେ ଚଢ଼ଉକୁ ଜୋରଦାର କରାଯାଇଛି। ଗତ ଦୁଇଦିନରେ ନିୟମ ଉଲ୍ଲଂଘନ କରି ୧୪୩ଟି ଗାଡ଼ି ଜବତ କରାଯାଇଛି। ଗାଡ଼ିଗୁଡ଼ିକ ବିରୋଧରେ ମାମଲା ରୁଜୁ କରାଯାଇଛି। ଗାଡ଼ି ଜବତ ହେବା ପରେ କୋର୍ଟରେ ପ୍ରୋସିକ୍ୟୁସନ ରିପୋର୍ଟ ଦାଖଲ କରାଯାଇଛି। ଚାଳକମାନେ କୋର୍ଟରୁ ରିଲିଜ ଅର୍ଡର ଆଣିବା ପରେ ଚାଳକ ଗାଡ଼ି ମୁକୁଳାଇ ନେଇପାରିବେ ବୋଲି କୁହାଯାଇଛି। ସେହିପରି ଚାଳକଙ୍କ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗକୁ ଚିଠି ଲେଖାଯାଇଛି। ଅନୁରୂପ ଭାବେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ୮୭ଜଣ, ବିପରୀତ ଦିଗରେ ଗାଡ଼ି ଚଳାଇ ୫୦ଜଣ ଏବଂ ମୋବାଇଲ ଫୋନ୍‌ରେ କଥା ହୋଇ ୬ଜଣ ଧରାପଡ଼ିଛନ୍ତି। ତେବେ ଫୋନ୍‌ରେ କଥା ହୋଇ ଗାଡ଼ି ଚଳାଉଥିବା ଚାଳକଙ୍କ ଗାଡ଼ି ସହ ମୋବାଇଲ ଫୋନ୍ ଜବତ କରାଯାଇଛି। ତେବେ ଟ୍ରାଫିକ ନିୟମକୁ ଅନୁପାଳନ କରି ଗାଡ଼ି ଚଳାଇବାକୁ ପୁଲିସ କମିସନର ସଞ୍ଜୀବ ପଣ୍ଡା ଅପିଲ୍ କରିଛନ୍ତି।

ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କୁ ନିସ୍ତାର ମିଳୁନି। ମଦପିଇ ଗାଡ଼ି ଚଳାଉଥିବା ସମୟରେ ଧରାପଡୁଥିବା ଗାଡ଼ିକୁ ଜବତ କରାଯାଉଛି। ମଦ ନିଶାରେ ଥିବା ଗାଡ଼ି ଚାଳକ ନିଶାରେ କଥା କହିପାରୁଛି ନା କୁଆଡ଼େ ଯିବେ ଉତ୍ତର ଦେଇପାରୁଛନ୍ତି। ଅଧା ନିଶାରେ କେବଳ ଷ୍ଟିୟରିଂ ଧରି ଠାକୁରଙ୍କ ଭରସାରେ ଗାଡ଼ି ଚଳାଉଛନ୍ତି। ଅଧିକ ମଦ ପିଇ ଗାଡ଼ି ଚଳାଉଥିବା ଚାଳକଙ୍କୁ ଥାନାରେ ଅଟକ ରଖାଯାଉଛି। ପରଦିନ ନିଶା ଛାଡ଼ିବା ପରେ ଥାନାରୁ ଉଠି ଘରକୁ ଯାଉଛନ୍ତି।

ଏହିକ୍ରମରେ ଗତ ଦୁଇଦିନରେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଅବସ୍ଥାରେ ଟ୍ରାଫିକ-୧ ହାତରେ ୧୮ ଏବଂ ଟ୍ରାଫିକ-୨ ହାତରେ ୪୧ଟି ଗାଡ଼ି ଧରାପଡ଼ିଛି। ଟ୍ରାଫିକ-୧ ପକ୍ଷରୁ ୧୮ଟି ଚାରିଚକିଆ ଗାଡ଼ି ଏବଂ ଟ୍ରାଫିକ-୨ ପକ୍ଷରୁ ୩୫ଟି ଚାରିଚକିଆ ଓ ୬ ଟି ଦୁଇଚକିଆ ଗାଡ଼ି ଜବତ କରାଯାଇଛି। ସହରର ଏୟାରଫିଲ୍ଡ, ତମାଣ୍ଡୋ, ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ନନ୍ଦନକାନନ, ଲକ୍ଷ୍ମୀସାଗର, ଏୟାରପୋର୍ଟ ଓ ପାହାଳ ଭଳି ଥାନା ଅଞ୍ଚଳର ୫୦ଟି ସ୍ଥାନରେ ଯାଞ୍ଚ କରାଯାଉଛି।



### ୟୁଟର୍ଣ୍ଣ ମାରି ଫସିଲେ; ୧୨ ଗାଡ଼ି ଲିକ୍

ରଙ୍ଗ୍‌ରୁଟ୍(ବିପରୀତଦିଗ)ରେ ଗାଡ଼ି ଚାଳନା ରୋକିବାକୁ ସ୍ପାଇକ୍ ବ୍ୟାରିଅର ବନ୍ଦୋବସ୍ତ କରାଯାଇଛି। ରାତିରେ ନାକାରେ କରାଯାଉଥିବ ଯାଞ୍ଚରୁ ଖସିବା କିମ୍ବା ଅଧିକ ବୁଲାଣି ପଡୁଥିବାରୁ ଗାଡ଼ି ଚାଳକ ରଙ୍ଗ୍‌ରୁଟ୍‌ରେ ପଶିଯାଉଛନ୍ତି। ନାକାବନ୍ଦୀ କରାଯାଉଥିବା ସ୍ଥାନରେ ପୁଲିସକୁ ଦେଖି ମଦ୍ୟପ ଚାଳକ ଦ୍ରୁତଗତିରେ ୟୁଟର୍ଣ୍ଣ ମାରି ପଳାଉଛନ୍ତି। ଅନେକ ସମୟରେ ପୁଲିସ ଓ ସାଧାରଣଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିପରୀତ ଦିଗରେ ଗାଡ଼ି ଚଳାଉଥିବା ଚାଳକ ପୁଲିସର ଚେକିଂ ୟୁଟର୍ଣ୍ଣ ନେଉଥିଲେ ବି ସେମାନଙ୍କ ଗାଡ଼ି ଟାୟାରରେ କଣ୍ଟା ଫୁଟାଯାଉଛି। ଏହି ଦୁଇଦିନରେ ୧୮ ଟି ଗାଡ଼ିରେ କଣ୍ଟା ଫୁଟିଯିବାରୁ ଲିକ୍ ହୋଇଯାଇଛି। ଏଥିରେ ୧୨ଟି ଚାରିଚକିଆ ଯାନ ରହିଥିବାବେଳେ ୬ଟି ବାଇକ୍ ରହିଛି। ନାକାବନ୍ଦୀ କରାଯାଇ ଯାଞ୍ଚ ହେଉଥିବା ସ୍ଥାନରେ ହାତ ତିଆରି ସ୍ପାଇକ୍ ବ୍ୟାରିଅର ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି।

### ରାତିରେ ଥାନାରେ ମଦୁଆ ଚାଳକ ଅଟକ





# ଆଗ ସଫାସୁତରା, ପଛରେ ଅଳିଆ ଗଦା

ଭୁବନେଶ୍ୱର, ୧୬।୬(ସମିସ)

ନିକଟରେ ଅସ୍ତରଙ୍ଗ ଥାନାରେ ଛୋଟ ଶିଶୁକୁ ସାପ କାମୁଡ଼ିବାରୁ ମୃତ୍ୟୁ ଘଟିଥିଲା। ଜଣେ ମହିଳା ଘରୋଇ ହିଂସାର ଶିକାର ହୋଇ ଛୋଟ ପୁଅକୁ ଧରି ଥାନାକୁ ଯାଇଥିଲେ। ଥାନା ପରିସରରେ ଛୋଟ ପୁଅ ଖେଳିବା ପରେ ସାପ କାମୁଡ଼ିବାରୁ ତାହାର ମୃତ୍ୟୁ ଘଟିଥିଲା। ଏହି ଘଟଣା ପାଇଁ ପରିବାର ପୁଲିସକୁ ଦାୟୀ କରିଥିଲେ। ଥାନା ପରିସରରେ ଦୀର୍ଘଦିନ ହେବ ପଡ଼ି ରହିଥିବା ଅଳିଆ, ଆବର୍ଜନା ଏହାର ମୁଖ୍ୟ କାରଣ। ଏଥିରେ ମୂଷା, ମଶା ଏବଂ ବିଷଧର ସାପ ଘର କରୁଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀ ଏବଂ ଥାନାରେ ଥିବା ପୁଲିସ କର୍ମଚାରୀ ଅସାବଧାନତା ବଶତଃ ସେମାନଙ୍କ ଉପରେ ଗୋଡ଼ ପକାଇଦେଲେ ବିଷଧର ସାପ କାମୁଡ଼ି ଦେଉଛନ୍ତି। କେବଳ ଅସ୍ତରଙ୍ଗ ଥାନାର ଏଭଳି ଅବସ୍ଥା ନୁହେଁ। ରାଜଧାନୀର ବିଭିନ୍ନ ଥାନାରେ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଥାନା ଆଗକୁ ଚିକ୍କଣ କରିବା ସହ ଫୁଲ ଗଛ ରଖୁଛନ୍ତି। କିନ୍ତୁ ଥାନା ପଛରେ ଗଦା ହୋଇଛି ପୁଳାପୁଳା ଅଳିଆ ଆବର୍ଜନା। ଜବତ ଗାଡ଼ି ଏବଂ ଅନ୍ୟାନ୍ୟ ଜବତ ସାମଗ୍ରୀ ଏଣେ ତେଣେ ପଡ଼ି ରହୁଛି। ଆଗକୁ ବର୍ଷା ଋତୁ ଆସୁଛି। ଜନ୍ତୁମାନଙ୍କ ପାଇଁ ରହିବାକୁ ଅତି ସହଜ। ବିଶେଷ କରି ମଶା, ମୂଷା ଏବଂ ସାପଙ୍କ ଆତଙ୍କରାଜ ଦେଖିବାକୁ ମିଳିବ। ସେମାନେ ରାତିରେ ଥାନା ଭିତରକୁ ପଶି କାମୁଡ଼ିବାର ଅଧିକ ସମ୍ଭାବନା ରହିଛି। ପୁଲିସ କର୍ମଚାରୀ ହୁଅନ୍ତୁ ଅବା ଥାନାକୁ ଯାଉଥିବା ଅଭିଯୋଗକାରୀ ସେମାନଙ୍କୁ କାମୁଡ଼ିବାର ଭୟ ରହିଛି। ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଖାରବେଳନଗର, ସହିଦନଗର, ନୂଆପଲ୍ଲୀ, କ୍ୟାପିଟାଲ, ଖଣ୍ଡଗିରି ଆଦି ଅନେକ ଥାନା ପଛରେ ଜବତ ଗାଡ଼ି ରହିଛି। ଏହି ସବୁ ଗାଡ଼ିକୁ ନିଲାମ କରିବା ସହ ଗାଡ଼ି ମାଲିକଙ୍କୁ ଚିହ୍ନଟ କରି ଦେବାକୁ କୁହାଯାଇଥିଲା। କିନ୍ତୁ ଅନେକ ଥାନା ଅଧିକାରୀ ମନ ଦେଉନଥିବାରୁ ଏହି ଗାଡ଼ିଗୁଡ଼ିକ ପଡ଼ି ରହୁଛି। ଏଭଳି ଅବହେଳା ପାଇଁ ଥାନା କର୍ମଚାରୀ ଏବଂ ଅଭିଯୋଗକାରୀଙ୍କ ଜୀବନ ବିପଦରେ ପଡ଼ିବ। ଏ ନେଇ ସିପି ସଞ୍ଜୀବ ପଣ୍ଡା ସବୁ ଥାନାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଥାନା ପରିସରରେ ଥିବା ଜବତ ଗାଡ଼ିକୁ ନିଲାମ କରିବାକୁ ମଧ୍ୟ କୁହାଯାଇଛି। ଏପରିକି ଗାଡ଼ି ମାଲିକଙ୍କୁ ଚିହ୍ନଟ କରି ଗାଡ଼ି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ ଥାନାରେ ଉଠିଥିବା ଅନାବନା ଗଛଗୁଡ଼ିକୁ କାଟି ସଫା କରିବାକୁ କୁହାଯାଇଛି।

- ବର୍ଷା ଋତୁରେ ଥାନା ପରିସରରେ ଘର କରିବେ ଜନ୍ତୁ
- ସବୁ ଥାନା ପରିଷ୍କାର ରଖିବାକୁ ସିପିଙ୍କ ନିର୍ଦ୍ଦେଶ
- ବିପଦରେ ଆଗନ୍ତୁକଙ୍କ ଜୀବନ



### ଦାୟିତ୍ୱ ନେଉନାହାନ୍ତି ଥାନାଧିକାରୀ

ଥାନାରେ ଜବତ ହେଉଥିବା ଗାଡ଼ିକୁ ଥାନା ଅଧିକାରୀ କୋର୍ଟରୁ ଅନୁମତି ଆଣି ନିଲାମ କରି ପାରିବେ। କାରଣ ଥାନାରେ ଅନେକ ଗାଡ଼ିର ଇଞ୍ଜିନ ଏବଂ ଚେଚିସ୍ ନମ୍ବର ନାହିଁ। ତେଣୁ ଏହି ସବୁ ଗାଡ଼ିର ମାଲିକଙ୍କୁ ଚିହ୍ନଟ କରିବା ଅସମ୍ଭବ। ଏଭଳି ଗାଡ଼ି ଥାନାରେ ଗଦା ହୋଇଛି। ତେଣୁ ଏଭଳି କ୍ଷେତ୍ରରେ ଥାନା ଅଧିକାରୀ କୋର୍ଟରୁ ଅନୁମତି ଆଣି ନିଲାମ କରିପାରିବେ। ଏପରିକି ଆବଶ୍ୟକ ସ୍ଥଳରେ ଡିସିପି ମଧ୍ୟ ସବୁ ଥାନାରେ ଏଭଳି ମାଲିକ ନଥିବା ଗାଡ଼ିକୁ ନିଲାମ ପାଇଁ କୋର୍ଟରୁ ଅନୁମତି ଆଣି ଦେଇପାରିବେ। ବର୍ତ୍ତମାନ ସୁଦ୍ଧା ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ନିଲାମ ହେଲାଣି।

### ଥାନା କର୍ମଚାରୀଙ୍କୁ ଡେଙ୍ଗୁ ଭୟ

ପୁଲିସ ଏକାଧିକ ସ୍ଥାନରେ ଚଢ଼ଉ କରି ଦେଶୀ ମଦ ଜବତ କରୁଛି। ବିଶେଷ କରି ପୁଲିସ ହାଣ୍ଡି ଏବଂ ଅନ୍ୟାନ ସାମଗ୍ରୀ ଜବତ କରୁଛି। ଏହି ହାଣ୍ଡି ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ପୁଲିସ ଥାନା ପଛରେ ରଖି ଦେଉଛି। ଯାହାଫଳରେ ମଶା ବଂଶ ବୃଦ୍ଧି ପାଇବା ସହଜ। ଫଳରେ ମଶା କାମୁଡ଼ିବା ଦ୍ୱାରା ଲୋକ ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗରେ ପଡ଼ିବା ଆଶଙ୍କା ରହିଛି।

### କ୍ରେଚ୍ ନଥିବାରୁ ଶିଶୁଙ୍କୁ ସାପ କାମୁଡ଼ିବା ଭୟ

ଥାନାକୁ ମା' ସହିତ ଆସୁଥିବା ଶିଶୁ ପାଇଁ କ୍ରେଚ୍ ବ୍ୟବସ୍ଥା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମା' ଥାନାକୁ ଯାଇ ଅଭିଯୋଗ କରିବା ସମୟରେ ଶିଶୁ ଏହି କ୍ରେଚ୍‌ରେ ଖେଳିବେ। କିନ୍ତୁ ରାଜଧାନୀରେ ହାତ ଗଣତି ଥାନା ଛାଡ଼ି ଦେଲେ ବାକି ଥାନାରେ ଏଭଳି କ୍ରେଚ୍ ନାହିଁ। ଯେଉଁ ଥାନାରେ କ୍ରେଚ୍ ନାହିଁ ସେଠାରେ ଶିଶୁ ଥାନା ପରିସରରେ ଖେଳୁଛନ୍ତି। ଯାହାଫଳରେ ସେମାନଙ୍କୁ ଜନ୍ତୁ କାମୁଡ଼ିବାର ଅଧିକ ଭୟ ରହିଛି। ଏ ଦିଗରେ ବିଭାଗ ଦୟିତ୍ୱବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି।

## ଶକ୍ତି ପୀଠରେ ଗଙ୍ଗା ଦଶହରା ଓ ଗାୟତ୍ରୀ ଜୟନ୍ତୀ

ଭୁବନେଶ୍ୱର, ୧୬।୬(ସମିସ): ଗାୟତ୍ରୀ ଶକ୍ତି ପୀଠ, ଭୁବନେଶ୍ୱର ୯ ନମ୍ବରସ୍ଥିତ ଗାୟତ୍ରୀ କେନ୍ଦ୍ରରେ ଗଙ୍ଗା ଦଶହରା ଓ ଗାୟତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଟ୍ରଷ୍ଟି ମାୟାଧର ବେହେରାଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳିତ ହୋଇଥିଲା। ଆଜିର ଦିନରେ ଭଗୀରଥ ଗଙ୍ଗା ମାତାଙ୍କୁ ତପସ୍ୟା ବଳରେ ଶିବଙ୍କ ମସ୍ତକ ଦେଇ ଧରାପୃଷ୍ଠକୁ ଅବତରଣ କରିଥିଲେ। ଏଥିରେ ଭଗୀରଥଙ୍କର ଭାଇମାନେ ଉଦ୍ଧାର ପାଇଥିଲେ। ଋଷି ବିଶ୍ୱାମିତ୍ର ଗାୟତ୍ରୀଙ୍କୁ ଆରାଧନା କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ସାରା ବିଶ୍ୱରେ ଗାୟତ୍ରୀଙ୍କ ଉପାସନା ଆରାଧନା ଦ୍ୱାରା ଲୋକେ ଉପକାର ପାଇଥାନ୍ତି। ଗାୟତ୍ରୀ ଶକ୍ତି ପୀଠରେ ଗାୟତ୍ରୀ ଯଜ୍ଞ କରାଯାଇଥିଲା। ଏଥିରେ ପରିବ୍ରାଜକ ପ୍ରମୋଦ କୁମାର, ସମାଜସେବକ ନୀଳମଣି ମିଶ୍ର, ବିନୋଦିନୀ ଦେବୀ, ଗାୟତ୍ରୀ ପାଲ୍, ବାସନ୍ତୀ ଚୌଧରୀ, ତିଳୋତ୍ତମା ମହାନ୍ତି, ପ୍ରମୋଦ ଦାସ, ନିରଞ୍ଜନ ସାହୁ, ଦେବେନ୍ଦ୍ର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ରଘୁନାଥ ନଗର ଉନ୍ନୟନ କ୍ଲବ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୬।୬(ସମିସ): ରଘୁନାଥ ନଗର ଉନ୍ନୟନ କ୍ଲବ୍‌ର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଦୁଃଶାସନ ଜେନା, ସହଦେବ ଜେନା, ରବୀନ୍ଦ୍ର ପାତ୍ର ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କ୍ୟାପଟେନ୍ ସୁନାକର ମହାପାତ୍ର, ସମ୍ପାଦକ ଡକ୍ଟର କ୍ଷେତ୍ରମୋହନ ମିଶ୍ର ପ୍ରମୁଖ ସାମିଲ୍ ହୋଇଥିଲେ। ରଘୁନାଥ ନଗରର ରାସ୍ତା, ଡ୍ରେନଜ୍, କ୍ଲବ୍ ଘର ଓ ପାନୀୟଜଳ ଯୋଗାଣ ସୁବିଧା ନ ଥିବାରୁ ଲୋକେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଅଳିଆ ପକାଇବାକୁ ମହିଳାମାନେ ବେଶି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକ ସମସ୍ତ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, କୁଇଜ, ଡ୍ରଇଂ ଓ ପୁଚି ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆରାଧନା ଭଜନ ଗ୍ରୁପର କଳାକାରଙ୍କ ଦ୍ୱାରା ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଖଟୁଆ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



## ଲ' ଅଫିସର ନିଯୁକ୍ତି ପାଇଁ ଚିଠି ଲେଖିଲା ବିଏମ୍‌ସି

ଭୁବନେଶ୍ୱର, ୧୬।୬(ସମିସ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ଦୀର୍ଘଦିନ ହେବ ଲ' ଅଫିସର ନାହାନ୍ତି। ଏହି ପଦବୀ ପୂରଣ ପାଇଁ ସରକାରଙ୍କୁ ବିଏମ୍‌ସି କିଛିଦିନ ତଳେ ଚିଠି ଲେଖିଛି। ଏହା ସହ ହାଇକୋର୍ଟରେ ବିଏମ୍‌ସି ପାଇଁ ପକ୍ଷ ରଖିବାକୁ ବିଏମ୍‌ସି ସ୍ୱତନ୍ତ୍ର ଆଇନଜୀବୀ ମଣ୍ଡଳୀ ନିଯୁକ୍ତ କରିବାକୁ ଚାହୁଁଛି ବୋଲି ଜଣାପଡ଼ିଛି। ଏ ନେଇ ସରକାରଙ୍କ ଗୃହ ବିଭାଗକୁ ଚିଠି ଲେଖାଯାଇଥିବା ନେଇ ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ୍ କହିଛନ୍ତି।

ବିଏମ୍‌ସିରେ ଜଣେ ଲ' ଅଫିସରଙ୍କ ସମେତ ଆଉ ଦୁଇଜଣ ଅତିରିକ୍ତ ଲ' ଅଫିସର ରହିବା କଥା। ଶେଷ ଥର ପାଇଁ ୨୦୧୮ ମସିହା ପର୍ଯ୍ୟନ୍ତ ଅତିରିକ୍ତ ଲ' ଅଫିସରଙ୍କୁ ବିଏମ୍‌ସିରେ ଦେଖିବାକୁ ମିଳିଥିଲା। ଏହାପରଠାରୁ ଏପର୍ଯ୍ୟନ୍ତ ବିଏମ୍‌ସିରେ କୌଣସି ଲ' ଅଫିସରଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏହା ମଧ୍ୟରେ ବିଏମ୍‌ସି ବିରୋଧରେ ଅନେକ ଗୁଡ଼ିଏ ମାମଲା ରୁଜୁ ହେଲାଣି। ଚଳିତବର୍ଷ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ମାମଲା ବିଏମ୍‌ସି ବିରୋଧରେ ଲୋକଙ୍କ ଦ୍ୱାରା ବିଭିନ୍ନ କୋର୍ଟରେ ଫାଇଲ କରାଯାଇଛି। ସେହିପରି ୩ରୁ ୪ ବର୍ଷ ମଧ୍ୟରେ ପ୍ରାୟ ୧ହଜାର ମାମଲା ବିଭିନ୍ନ କୋର୍ଟରେ ପଡ଼ି ରହିଥିବା ନେଇ ସୂଚନା ମିଳିଛି।

ଲ' ଅଫିସର ନ ଥିବାରୁ ବିଏମ୍‌ସି ବିରୋଧରେ ହେଉଥିବା ମାମଲାଗୁଡ଼ିକୁ ଠିକ୍ ଭାବେ ଟ୍ରାକ୍ କରାଯାଇ ପାରୁ ନାହିଁ। କେତେବେଳେ କାହାକୁ ହାଇକୋର୍ଟରେ ହାଜର ହେବାକୁ ପଡ଼ିବ, କିଭଳି ଭାବେ ବିଏମ୍‌ସିର ପକ୍ଷ ଉଚିତ ଢଙ୍ଗରେ ଉପସ୍ଥାପନ କରାଯିବ, କେଉଁ ଆଇନଜୀବୀଙ୍କୁ ନିଯୁକ୍ତି ଦେଲେ ବିଏମ୍‌ସି ବିଭିନ୍ନ କୋର୍ଟରେ ନିଜ ପକ୍ଷ ଠିକ୍ ଭାବେ ରଖି ମାମଲା ଜିତି ପାରିବ, ତାହା ଠିକ୍ ଭାବେ ନିର୍ଦ୍ଧାରଣ ହୋଇପାରୁନାହିଁ। ଏଣୁ ବିଏମ୍‌ସି କମିସନରଙ୍କୁ ବାରମ୍ବାର ଅଦାଲତ ଅବମାନନା ନୋଟିସ୍ ଆସିବା ସହ ବିଏମ୍‌ସି ମାମଲା ହାରି ଯାଉଛି। ଯାହାର ସଦ୍ୟ ଉଦାହରଣ ହେଉଛି ସ୍ଲମ୍ କ୍ୱାର୍ଟର୍ସ ମାମଲା। ଏହି ମାମଲାରେ ବିଏମ୍‌ସିର ବେପରୁଆ ମନୋଭାବ ଯୋଗୁଁ ବିଏମ୍‌ସି ହାଇକୋର୍ଟରେ ମାମଲା ହାରି ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସେପଟେ ଆଇନଗତ ଦକ୍ଷତା ନ ଥିବା ଜଣେ କର୍ମଚାରୀଙ୍କୁ ଏହି ବିଭାଗର ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ଯାହା ଫଳରେ ଅଧିକାଂଶ ମାମଲା ବିଏମ୍‌ସି ହାରି ଯାଉଥିବା ନେଇ ଚର୍ଚ୍ଚା ହେଉଛି।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ବାଲିଅନ୍ତା, ୧୬।୬(ସମିସ): ବାଲିଅନ୍ତା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭିକାରୀ ଚରଣ ଖଟାଇଙ୍କ ୯୮ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ବାଲକାଟିସ୍ଥିତ ନୂଆପାଟଣା ଗ୍ରାମରେ ୨୩ ମାର୍ଚ୍ଚ ୧୯୨୬ରେ ଜନ୍ମଗ୍ରହଣ କରିଥିଲେ। ଭିକାରୀ ଚରଣ ଜଣେ ବର୍ଷୀୟାନ ରାଜନେତା ଥିଲେ। ୧୯୫୬ ମସିହାରେ ସେ ବାଲିପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଜା ସୋସାଲିଷ୍ଟ ପାର୍ଟି ପକ୍ଷରୁ ଟିକେଟ ପାଇ ବିଧାୟକ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ପରାଜୟ ପରେ ସେ ରାଜନୀତିରୁ ଅବସର ନନେଇ କିଛି ଦିନର ବ୍ୟବଧାନ ପରେ ସେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷ ହୋଇପାରିଥିଲେ। ସତ୍ୟପ୍ରିୟ ମହାନ୍ତି, ରବି ରାୟଙ୍କ ଭଳି ଦୁଇ ପୂର୍ବତନ ବାଚସ୍ପତିଙ୍କ ସହ ତାଙ୍କର ଅତି ଘନିଷ୍ଠ ସମ୍ପର୍କ ଥିଲା।



## କଳା ଭାରତ ସଂସ୍କୃତି ପୁରସ୍କାର ବିତରଣ ଉତ୍ସବ



ଭୁବନେଶ୍ୱର, ୧୬।୬(ସମିସ)

ତ୍ରିଭଙ୍ଗ କଳା ନିକେତନ ଦ୍ୱାରା ଏକ ଦିବସୀୟ କଳା ଭାରତ ସଂସ୍କୃତି ପୁରସ୍କାର ବିତରଣ ଉତ୍ସବ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ ଉଦ୍‌ଘାଟନ କରିଥିଲେ। ଗୁରୁ ସନାତନ ନାୟକ, ନାଟ୍ୟ ନିର୍ଦ୍ଦେଶକ ବିଜୟ ସାହୁ, ଅବିନାଶ ଦଣ୍ଡପାଟ, ଗୁରୁ ମାଧବ ମହାରଣା, ଗୁରୁ ଦେବେନ୍ଦ୍ର ନାଥ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସନ୍ଧ୍ୟାରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଡ ଗଜେନ୍ଦ୍ର ପଣ୍ଡା, ଗୁରୁ ସୁକାନ୍ତ କୁଣ୍ଡୁ ପ୍ରମୁଖ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଏକାଡେମୀ ପକ୍ଷରୁ ୧୩ଜଣ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ତ୍ରିଭଙ୍ଗ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ, ଭାରତନାଟ୍ୟମ୍ କଥକ, କୁଚିପୁଡ଼ି, ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ତ୍ରିଭଙ୍ଗ କଳା ନିକେତନର ନିର୍ଦ୍ଦେଶକ ଗୁରୁ ବିକ୍ରମ ସାମଲ ଏବଂ ଗୁରୁ ସୁନିତା ସାମଲ ପରିଚାଳନା କରିଥିବା ବେଳେ ବିନୋଦ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ।

## ୟୁଜିସିର ନାମଲେଖା ଫି' ଫେରସ୍ତ ନିଷ୍ପତ୍ତିକୁ ଅଭିଭାବକ ମହାସଂଘର ସ୍ୱାଗତ

ଭୁବନେଶ୍ୱର, ୧୬।୬(ସମିସ): ଗୋଟିଏ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର କରୁଥିଲେ ଛାତ୍ରଛାତ୍ରୀଙ୍କୁ ତ୍ୱରିତ ନାମଲେଖା ଫି' ଫେରସ୍ତ ମିଳୁ ନଥିଲା। ଏ ନେଇ ଛାତ୍ରଛାତ୍ରୀ ବାରମ୍ବାର ଅଭିଯୋଗ କରୁଥିଲେ। ନାମଲେଖା ଫି' ଫେରସ୍ତ କରିବା ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ନିକଟରେ ସ୍ୱତନ୍ତ୍ର ନିୟମ ଆଣିଛି। ଏହାକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିବା ସହ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟକ ହେବ ବୋଲି କହିଛି। ପୂର୍ବରୁ ମହାସଂଘ ପକ୍ଷରୁ ନାମଲେଖା ଫି' ଫେରସ୍ତ କରିବା ବିଳମ୍ବ ହେଉଥିବା ସମ୍ପର୍କରେ ମହାସଂଘ ପକ୍ଷରୁ ୟୁଜିସି ନିକଟରେ ଅଭିଯୋଗ ହେଉଥିଲା। ଏଥିପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିବାକୁ ଦାବି କରିଥିଲା। ୟୁଜିସି ପକ୍ଷରୁ ଏ ସଂକ୍ରାନ୍ତରେ ନିୟମ ଆଣିଥିବାରୁ ତାକୁ ସ୍ୱାଗତ କରୁଥିବା ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ଶେଷ ସୁଦ୍ଧା ସିଟ୍ ଛାଡ଼ିଲେ ଛାତ୍ରଛାତ୍ରୀଙ୍କୁ ଶତ ପ୍ରତିଶତ ଫି' ଫେରସ୍ତ ମିଳିବ। ସେହିପରି ଅକ୍ଟୋବର ଶେଷ ସୁଦ୍ଧା ଫି' ଫେରସ୍ତ ପାଇଁ ଆବେଦନ କଲେ ପ୍ରୋସେସିଙ୍ଗ୍ ଫି' ବାବଦକୁ ସର୍ବାଧିକ ହଜାରେ ଟଙ୍କା କାଟି ଫେରସ୍ତ କରାଯିବ। ଅକ୍ଟୋବର ପରେ ନାମଲେଖା ଶେଷ ତାରିଖର ୧୫ ଦିନ ବା ତା ପୂର୍ବରୁ ସିଟ୍ ଛାଡ଼ିଲେ ସମ୍ପୂର୍ଣ୍ଣ ଫି' ଫେରସ୍ତ କରାଯିବ। ନାମଲେଖା ଅବଧି ସରିବାର ୧୫ ଦିନ ପୂର୍ବରୁ ଆବେଦନ କଲେ ୯୦ ପ୍ରତିଶତ ଫି ଫେରସ୍ତ କରାଯିବ। ସେହିପରି ନାମଲେଖା ଅବଧି ସରିବାର ୧୫ ଦିନ ମଧ୍ୟରେ ଆବେଦନ କଲେ ୮୦ ପ୍ରତିଶତ ଏବଂ ଅବଧି ସରିବାର ୧୫ରୁ ୩୦ ଦିନ ମଧ୍ୟରେ ଆବେଦନ କଲେ ୫୦ ପ୍ରତିଶତ ଫି' ଫେରସ୍ତ ହେବ। ନାମଲେଖା ଅବଧି ସରିବାର ମାସେ ବା ୩୦ଦିନ ପରେ ଅନ୍ୟତ୍ର ସ୍ଥାନାନ୍ତର ବା ନାମଲେଖା ରଦ୍ଦ କରିବା ପାଇଁ ଆବେଦନ କଲେ କୌଣସି ଫି' ଫେରସ୍ତ ହେବ ନାହିଁ ବୋଲି ୟୁଜିସି ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦେଇଛି।

# ସହରରେ କୁକୁରଙ୍କ ଆତଙ୍କ; ହେଉନି ବନ୍ଧ୍ୟାକରଣ

ଭୁବନେଶ୍ୱର, ୧୬।୬(ସମିସ)

ଭୁବନେଶ୍ୱର ସହରରେ କୁକୁରଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ସନ୍ଧ୍ୟାରୁ ଭୋର୍ ଯାଏଁ ରାସ୍ତାରେ କୁକୁର ପଲ ମେଳି କରି ବୁଲୁଛନ୍ତି। ରାତି ଯେତେ ବଢୁଛି ରାଜରାସ୍ତାରେ କୁକୁରଙ୍କ ଆତଙ୍କ ସେତେ ବଢୁଛି। ବାଇକ୍ ହେଉ ବା କାର୍ ଗଲେ ଗୋଡ଼ାଉଛନ୍ତି। ଫଳରେ ରାତିରେ ସାମାନ୍ୟ ସତର୍କ ହୋଇ ନଗଲେ ଦୁର୍ଘଟଣା ଘଟୁଛି। ବହୁ ବାଇକ୍ ଚାଳକ କୁକୁର କାମୁଡ଼ାର ଶିକାର ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ବିଏମ୍‌ସି ଏହି ସମସ୍ୟାର ସ୍ଥାୟୀ ସମାଧାନ କରୁ ବୋଲି ସୋସିଆଲ ମିଡ଼ିଆରେ ବାରମ୍ବାର ଅଭିଯୋଗ ହେଉଛି। ସେପଟେ ବିଏମ୍‌ସି କୁକୁର ବନ୍ଧ୍ୟାକରଣକୁ ବନ୍ଦ କରି ଏଭଳି ଅଭିଯୋଗକୁ ଅଣଦେଖା କରିବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ବନ୍ଦ ହୋଇଥିବା କୁକୁର ବନ୍ଧ୍ୟାକରଣ କାମ ପୁଣି ଥରେ ଆରମ୍ଭ ହେବ କି ନାହିଁ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି।

କୁକୁର ବନ୍ଧ୍ୟାକରଣକୁ ନେଇ ବିବାଦ ଥମିବାର ନାଁ ଧରୁନି। ବନ୍ଧ୍ୟାକରଣର କୌଣସି ନିୟମ ନ ମାନିବାରୁ ହାଇକୋର୍ଟରେ ସାରା ରାଜ୍ୟରେ ରହିତାଦେଶ ଲାଗୁ କରିଥିଲେ। ଏଣୁ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିଲା। ରହିତାଦେଶ ହଟିବା ପରେ



ବିଏମ୍‌ସି ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ବନ୍ଧ୍ୟାକରଣ କେନ୍ଦ୍ରରେ ବନ୍ଧ୍ୟାକରଣ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ଶହେ କୁକୁରଙ୍କୁ ବନ୍ଧ୍ୟାରକରଣ କରାଯିବ ବୋଲି ଟାର୍ଗେଟ ନିଆଗଲା। ପୁନର୍ବାର ମହାରାଷ୍ଟ୍ରର ସମାନ ସଂସ୍ଥା ଭେଟ୍ସ ଫର୍ ଆନିମଲ୍‌କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ସଂସ୍ଥା ବନ୍ଧ୍ୟାକରଣ ସଂଖ୍ୟା ୫୦ରୁ ଆଗକୁ ବଢ଼ାଇ ପାରି ନ ଥିଲା। ରହିତାଦେଶ ହଟିବା ପରଠାରୁ ମାତ୍ର ୪ହଜାର କୁକୁରଙ୍କ ବନ୍ଧ୍ୟାକରଣ ହୋଇପାରିଥିଲା। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାରୁ ଏହାକୁ ପୁଣି ବନ୍ଦ କରି ଦିଆଗଲା।

- ସହରରେ ଦୈନିକ ୧୦ରୁ ଊର୍ଦ୍ଧ୍ୱ କୁକୁର କାମୁଡ଼ା ଅଭିଯୋଗ
- କୁକୁର ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି ବାଇକ୍ ଚାଳକ

ଏହା ମଧ୍ୟରେ ରାଜ୍ୟକୁ ମୌସୁମୀ ଛୁଇଁଗଲାଣି। ହେଲେ କୁକୁର ବନ୍ଧ୍ୟାକରଣ ଆରମ୍ଭ ହୋଇପାରୁ ନାହିଁ।

ବିଏମ୍‌ସିର ହେଲ୍ପ ଲାଇନ୍ ନମ୍ବର ୧୯୨୯ରେ ପ୍ରତ୍ୟେକ ଦିନ ସହରର ବିଭିନ୍ନ କୋଣରୁ ୧୦ରୁ ଊର୍ଦ୍ଧ୍ୱ କୁକୁର କାମୁଡ଼ା ଅଭିଯୋଗ ଆସୁଛି। ଏନେଇ ପଦକ୍ଷେପ ନିଆଯିବ ବୋଲି କହି ବିଏମ୍‌ସି ଖସିଯାଉଛି। ସେପଟେ କୁକୁର ବନ୍ଧ୍ୟାକରଣ କାମ କେବେ ଆରମ୍ଭ ହେବ ସେ ସମ୍ପର୍କରେ ପ୍ରଶ୍ନ କଲେ ଉପରୁ ତଳ ପର୍ଯ୍ୟନ୍ତ ଅଧିକାରୀ ଚୁପ୍ ରହୁଛନ୍ତି। ପ୍ରଶାସନିକ ଉତ୍ତର ଦେବା ଢାଞ୍ଚାରେ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି କହି ଏଡ଼ାଇ ଯାଉଛନ୍ତି।



# ଅନ୍ଧାରରେ ସହର ଉପକଣ୍ଠ ରାସ୍ତା

ଭୁବନେଶ୍ୱର, ୧୬।୬ (ସମିସ)



ଅନ୍ଧାର ହଟାଇବା ପାଇଁ ରାଜଧାନୀ ରାଜରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲଗା ଲଗାଯାଇଛି। ସହରକୁ ସଜେଇବା ପାଇଁ ରଙ୍ଗାରଙ୍ଗ ଆଲୁଅ ସାଙ୍ଗକୁ ନାଲି ନେଳି ଆଲୋକର ବ୍ୟବସ୍ଥା କରାଯାଇଛି। ହେଲେ ରାଜଧାନୀଠାରୁ କେଇ ଦୂରରେ ରାଜୁତି କରୁଛି ଅନ୍ଧାର। ସଞ୍ଜ ହେଲେ ସହରତଳି ରାସ୍ତାରେ ଭୟର ବାତାବରଣ। ସନ୍ଧ୍ୟା ପରେ ଲୋକେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଥିବାବେଳେ ଅନ୍ଧାରର ସୁଯୋଗ ନେଇ ଅପରାଧୀମାନେ ଆତଙ୍କ ରଚୁଛନ୍ତି। ଆଲୋକ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି।

- ବଢୁଛି ଅପରାଧିକ କାର୍ଯ୍ୟକଳାପ
- ରାତି ହେଲେ ଯାତାୟାତ କରିବାକୁ ଭୟ
- ଉତ୍ପାତ କରୁଛନ୍ତି ନିଶାସକ୍ତ, ଲୁଟେରା

ସୂଚନା ଅନୁସାରେ, ରାଜଧାନୀ ସହର ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜଧାନୀ ଠାରୁ କିଛି ଦୂରରେ ତଥା ସହରତଳି ଅଞ୍ଚଳରେ କମ୍ ମୂଲ୍ୟରେ ଜମି ପାଇବା ସହ ସହରର କୋଳାହଳରୁ ନିସ୍ତାର ପାଇବା ପାଇଁ ଲୋକମାନେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ରହିବାକୁ ପସନ୍ଦ କରୁଛନ୍ତି। ଏଥିସହିତ କିଛି ବର୍ଷ ମଧ୍ୟରେ ସହର ଚାରିପଟେ ଛତୁ ଫୁଟିଲା ଭଳି ଇଞ୍ଜିନିୟରିଂ କଲେଜ ଓ ଆପାର୍ଟମେଣ୍ଟ ଗଢ଼ି ଉଠିଛି। ସେହି ଧାରାରେ ସହର ଚାରିପାଖରେ ଜନସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆର୍ ଆଣ୍ଡ ବି ଡିଭିଜନ ୫ ଅଧୀନରେ ଥିବା ପୀତାପଲ୍ଲୀ ଛକ ଠାରୁ ଚନ୍ଦକା ଯାଇଥିବା ରାସ୍ତା ଏବେ ବିପଜ୍ଜନକ ହୋଇ ପଡ଼ିଛି। ଯିବାଆସିବା ପାଇଁ ଭଲ ରାସ୍ତାଟିଏ ଥିଲେ ମଧ୍ୟ ଆଲୋକ ବ୍ୟବସ୍ଥା କରାଯାଇନାହିଁ। ପ୍ରତିଦିନ ଖୋର୍ଦ୍ଧା, ଜଟଣୀ, ନୟାଗଡ଼ ଜିଲ୍ଲାର ହଜାର ହଜାର ଲୋକ ଏହି ରାସ୍ତା ଦେଇ କଟକ ସମେତ ଅନୁଗୋଳ ଓ ଢେଙ୍କାନାଳ ଯାଉଛନ୍ତି। ହେଲେ ରାସ୍ତାରେ ଲାଇଟ୍ ଲାଗି ନ ଥିବାରୁ ସନ୍ଧ୍ୟା ହେଲେ ଭୟଭୀତ ହୋଇ ଯିବାଆସିବା କରୁଛନ୍ତି। ପ୍ରତିଦିନ ଏହି ରାସ୍ତାରେ ଥିବା ଛତାବର, ମେଣ୍ଢାଶାଳ, ଗିରିଙ୍ଗାପୁଟ, କଣ୍ଟାବାଡ଼, କୁଜିମହଲ ଆଦି ଅଞ୍ଚଳରେ ଦୁର୍ଘଟଣା ଘଟୁଛି। ସେହି ଡିଭିଜନ ଅଧୀନରେ ଥିବା ଗୋହିରା - ଛତାବର ରାସ୍ତାରେ ମଧ୍ୟ ସମାନ ଅବସ୍ଥା। ଛତାବର, ମେଣ୍ଢାଶାଳ, ଅରିଶଳ, ମଦନପୁର, ବଡ଼ରଘୁନାଥପୁର, ଦେଉଳିଆପାଟଣା ଓ ଆଖପାଖ ଅଞ୍ଚଳର ୧୫ ହଜାରରୁ ଅଧିକ ଲୋକ ଏହି ରାସ୍ତା ଦେଇ ଭୁବନେଶ୍ୱରକୁ ଯା' ଆସ କରୁଛନ୍ତି। ଲାଇଟ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ସନ୍ଧ୍ୟା ହେଲେ ଗୋହିରା ଠାରୁ ଛତାବର ଯାଏଁ ୬ କିଲୋମିଟର ରାସ୍ତାରେ ଯିବାକୁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି। ଅନ୍ଧାର ଆସିଲେ ସ୍ଥିତି ଆହୁରି ସଙ୍ଗୀନ ହୋଇଯାଉଛି। ଗୋହିରା ଠାରୁ ମଦନପୁର ଯାଏଁ ରାସ୍ତାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ଅଣଓସାର ରାସ୍ତା ସାଙ୍ଗକୁ ଅନ୍ଧାର ଯୋଗୁଁ ରାତି ହେଲେ ନିଶାଖୋରଙ୍କ ଉତ୍ପାତ ଆରମ୍ଭ ହୋଇ ଯାଉଛି। ସେହି ଡିଭିଜନ ଅଧୀନରେ ଥିବା ନୂଆଗାଁ - କାଟେଣୀ ରାସ୍ତାର ଅବସ୍ଥା ମଧ୍ୟ ସମାନ। ସ୍ଥାନୀୟ ଅଞ୍ଚଳରେ ଆଇଆଇଆଇଟି, ଟାଇମ୍ସ ଗୁରୁକୁଳ, ଆଇଏମ୍ଆଇ ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। ସ୍ୱାସ୍ଥ୍ୟ ଭଳି ମୌଳିକ ଆବଶ୍ୟକତାକୁ ପୂରଣ କରିବାକୁ ଅନେକ ଘରୋଇ ଡାକ୍ତରଖାନା ମଧ୍ୟ ରହିଛି। ଏ ସବୁ ସୁବିଧା ଥିବାରୁ ମଳିପଡ଼ା, ଗୋଠପଟଣା, ପାଇକରାପୁର, କ୍ରିଷ୍ଣାପୁରୀ କଲୋନୀ, ଘଙ୍ଗାପାଟଣା, କାଟେଣୀ ଆଦି ଅଞ୍ଚଳରେ ଜନସଂଖ୍ୟା ପୂର୍ବ ଅପେକ୍ଷା ଢେର ବୃଦ୍ଧି ପାଇଛି। ସଞ୍ଜ ହେଲେ ଏହି ରାସ୍ତାରେ ନାହିଁ ନ ଥିବା ଭିଡ଼ ଜମୁଛି। ଏଥିସହିତ ରାସ୍ତା ଦେଇ ହାତୀପଲ ଚନ୍ଦକା ଜଙ୍ଗଲରୁ ଭରତପୁର ଜଙ୍ଗଲକୁ ଯାଉଛନ୍ତି। ଗୋଟିଏ ପଟେ ଅନ୍ଧାରିଆ ରାସ୍ତା, ଅନ୍ୟପଟେ ଅସମ୍ଭାଳ ଭିଡ଼ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ହେଲେ ନୂଆଗାଁ ଛକଠାରୁ କାଟେଣୀ ଛକକୁ ଯାଇଥିବା ଏହି ୬ କିଲୋମିଟର ରାସ୍ତାରେ ଆଲୋକ ବ୍ୟବସ୍ଥା ହୋଇପାରି ନାହିଁ। ସେହିଭଳି ଆର ଆଣ୍ଡ ବି ଡିଭିଜନ ୩ ଅଧୀନରେ ଆସୁଥିବା ସୁନ୍ଦରପୁର ଡିଏନ୍ ସ୍କୁଲଠାରୁ ଶିଖରଚଣ୍ଡୀ ଯାଇଥିବା ରାସ୍ତା ମଧ୍ୟ ଅନ୍ଧାରରେ। ଚନ୍ଦକା, ପଥରଗାଡ଼ିଆ, ସୁନ୍ଦରପୁର ସମେତ କଣ୍ଟାବାଡ଼, ଛତାବର ଆଦି ଗାଁର ଲୋକମାନେ ଏହି ରାସ୍ତା ଦେଇ ଭୁବନେଶ୍ୱରରୁ ଘରକୁ ଫେରିଥାନ୍ତି। ଯିବାଆସିବା ପାଇଁ ଚଉଡ଼ା ପିଚୁ ରାସ୍ତା ଥିଲେ ମଧ୍ୟ ଆଲୋକ ବ୍ୟବସ୍ଥା ନାହିଁ। ସେହି ଡିଭିଜନର ଷ୍ଟୁଡିଓ ଛକ - ଚନ୍ଦକା ରାସ୍ତାରେ ମଧ୍ୟ ସମାନ ଅବସ୍ଥା। ଷ୍ଟୁଡିଓ ଛକ ଠାରୁ ଗଣିତ ପ୍ରତିଷ୍ଠାନ ଯାଏଁ ଆଲୋକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବାକି ରାସ୍ତାରେ ଅନ୍ଧାରର ରାଜୁତି ଚାଲିଛି। ଏହି ରାସ୍ତାଟି ହାତୀ କରିଡର ହୋଇଥିବାରୁ ହାତୀପଲ ଯିବାଆସିବା କରୁଛନ୍ତି। ଅନ୍ଧାରିଆ ରାସ୍ତା ସାଙ୍ଗକୁ ହାତୀ ଭୟରେ ଲୋକମାନେ ଯିବା ଆସିବା କରିବାକୁ ଡରୁଛନ୍ତି। ସେହିପରି ଆର ଆଣ୍ଡ ବି ଡିଭିଜନ ୨ ଅଧୀନରେ ଥିବା ୧୬ ନମ୍ବର ଜାତୀୟ ରାଜପଥ - ରେତଙ୍ଗ ଷ୍ଟେସନ ରାସ୍ତାରେ ମଧ୍ୟ ଗୋଟିଏ ବି ଲାଇଟ୍ ଲାଗି ନାହିଁ। ତମାଣ୍ଡୋ, ମଦନପୁର, ଯାଁଳା ଆଦି ଅଞ୍ଚଳର ଲୋକମାନେ ଏହି ରାସ୍ତାରେ ଜଟଣୀ ଦେଇ ପିପିଲି ଓ ପୁରୀକୁ ଯିବା ଆସିବା କରୁଛନ୍ତି। ଏହି ରାସ୍ତାରେ ଦୂରତା କମ୍ ପଡୁଥିବାରୁ କାହିଁ କେତେ ଦିନ ହେବ ଲୋକମାନେ ଏହି ଅନ୍ଧାରିଆ ରାସ୍ତା ଦେଇ ଯିବାଆସିବା କରିବାକୁ ବାଧ ହେଉଛନ୍ତି।

## ଆଦୃତ ଶିଶୁ ସଦନରେ ସୌରଭ ଦାସ ସ୍ମାରକୀ ବକ୍ତୃତା



ଭୁବନେଶ୍ୱର, ୧୬।୬(ସମିସ)

ଭୁବନେଶ୍ୱରସ୍ଥିତ ଆଦୃତ ଶିଶୁ ସଦନ ଆନୁକୂଲ୍ୟରେ ହୋଟେଲ ଏମ୍ପାୟାର୍‌ରେ ଏକ ଆଲୋଚନା ସଭା ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ସଭାରେ ଆଦୃତ ଶିଶୁ ସଦନ ପ୍ରତିଷ୍ଠାନର ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ପାଣିପାଗ ବିଶେଷଜ୍ଞ ଡ. ଶରତ ଚନ୍ଦ୍ର ସାହୁ ଓ ଭୁବନେଶ୍ୱର ଆଇଆଇଟିର ଆସୋସିଏଟ୍ ପ୍ରଫେସର ଡ. ସନ୍ଦୀପ ପଟ୍ଟନାୟକ ଆଲୋଚକ ବାବେ ଯୋଗ ଦେଇଥିଲେ। ଆଲୋଚନାର ବିଷୟ ଥିଲା 'ଗ୍ଲୋବାଲ ୱାର୍ମି'। ସେମାନଙ୍କ ମତରେ ପ୍ରାୟତଃ ଦୁଇ ଶତାବ୍ଦୀ ଭିତରେ ଜନସଂଖ୍ୟା ବୃଦ୍ଧି କାରଣରୁ ବିଭିନ୍ନ ସହରମାନ ଗଢ଼ି ଉଠିଛି। ପ୍ରାକୃତିକ ଜଙ୍ଗଲମାନ ଧ୍ୱଂସ ପାଇବାରେ ଲାଗିଛି। ଶିଳ୍ପ ଓ କଳକାରଖାନା ପରିବେଶକୁ ପ୍ରଦୂଷିତ କରୁଛି। ମାନବକୃତ କାରଣରୁ ଅସନ୍ତୁଳନ ପରିସ୍ଥିତି ସାଧାରଣ ଜନତାଙ୍କ ଉପରେ ପଡୁଛି। ଏହା ଉପରେ ସରକାର ସଚେତନ ରହି ନିରାକାରଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଆଦୃତ ଶିଶୁ ସଦନର ଅନ୍ତେବାସୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ବହୁ ସମାଜସେବୀ, ଆଇନଜୀବୀ, ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସଂଗଠନର ଉପଦେଷ୍ଟା ଇଂ ନିତାଇ ଗୌର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରଜ ମହୋତ୍ସବ ବୁଲିଲେ ବିଧାୟକ



ହଂସପାଳ, ୧୬।୬(ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାର ମା' ଉତ୍ତରମୁଖୀ ପୀଠରେ ରଜ ମହୋତ୍ସବ ଆୟୋଜିତ ହୋଇଥିବାବେଳେ ଏହାକୁ ବୁଲି ଦେଖିଛନ୍ତି ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ନବ କିଶୋର ମଲ୍ଲିକ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ୧୬ ନମ୍ବର ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ, ୧୮ ନମ୍ବର ଜିଲ୍ଲାପରିଷଦ ସଭ୍ୟ ମଙ୍ଗରାଜ ବେହେରା, ବ୍ଲକ ସଭାପତି ପ୍ରଦୀପ ଜେନାମଣି, ପଞ୍ଚାୟତ ସଭାପତି ରବୀନ୍ଦ୍ର ରାଉତରାୟ, ସରପଞ୍ଚ କୃଷ୍ଣ କେଶବ ଆପଟ, ସମିତି ସଭ୍ୟ କୁନି ପ୍ରଧାନ, ପୂର୍ବତନ ସମିତିସଭ୍ୟ ଦିଲୀପ ସାହୁ, ନାରୀନେତ୍ରୀ ଦେବଶ୍ରୀ ବେହେରା, ବେଣୁପୁର ପଞ୍ଚାୟତ ସଭାପତି ହରେକୃଷ୍ଣ ମଙ୍ଗରାଜ ଯୋଗ ଦେଇଥିଲେ। ଏଠାରେ ରଜରେ ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ଘୋଡ଼ା ନାଚ। ଯାହାକି ଏକ ସପ୍ତାହ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ମା'ଙ୍କ ନିକଟରେ ମାଛ ପୋଡ଼ା ବଳି ଓ ଡାଲି ଭୋଗ ଲାଗିଥାଏ। ସାତ ଦିନ ଧରି ମା'ଙ୍କ ପୀଠ ଚଳଚଞ୍ଚଳ ସହ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଏହା ସହିତ ପୀଠ ପରିସରରେ ମୀନାବଜାର, ବିଭିନ୍ନ ପ୍ରକାରର ଦୋଳି ସହ ଲୋକମାନଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଛି। ଭୁବନପୁରର ଯୁବକମାନେ କାର୍ଯ୍ୟ ପରିଚାଳନା କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଇଥିଲେ।

## ପେନ୍ ଇନ୍ ବୁକ୍ସର ବନ୍ଧୁମିଳନ



ଭୁବନେଶ୍ୱର, ୧୬।୬(ସମିସ): ପ୍ରକାଶନ ସଂସ୍ଥା ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମଟେଡ୍ ପକ୍ଷରୁ ବାର୍ଷିକ ବନ୍ଧୁମିଳନ ଓ ରାଜଭାଗ ପ୍ରଦାନ ସମୋରାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ମିଡିଆର ପ୍ରକାଶନ ଉପକ୍ରମ ପେନ୍ ଇନ୍ ବୁକ୍ସ ପକ୍ଷରୁ ୪୪ ଜଣ ଲେଖକଙ୍କୁ ୧୬ଲକ୍ଷ ୭୬ ହଜାର ୯୨୨ ଟଙ୍କାର ରାଜଭାଗ ଅର୍ଥ ପ୍ରଦାନ କରାଯାଇଛି। ସ୍ଥାନୀୟ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନାସନାଲ୍‌ରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ସମାରୋହକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ଏକ ମଞ୍ଚ ପ୍ରସ୍ତୁତ ହୋଇଛି, ଯେଉଁଠି ଲେଖକ ଓ ପ୍ରକାଶକ ଏକାଠି ହୋଇ ପାରିଛନ୍ତି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଲେଖକ ଦାଶ ବେନହୁର କହିଥିଲେ ଯେ ଓଡ଼ିଆ ମିଡିଆ ଗୋଟିଏ ଅନୁଷ୍ଠାନ ଯିଏ ପାଠକଙ୍କ ରୁଚିକୁ ପରଖିପାରେ ଓ ଲେଖକଙ୍କୁ ବରାଦ କରି ବହି ଛପାଏ। ଅଧିକାଂଶ ଲେଖକ-ପ୍ରକାଶକ ସମ୍ପର୍କ ପରସ୍ପର ଭିତରେ ସୀମିତ। ମୁଖ୍ୟବକ୍ତା ଭାବେ ଅନୁବାଦକ ଯତୀନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ଏହି ଉତ୍ସବରେ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ଓଡ଼ିଆ ମିଡିଆ ଦ୍ୱାରା ପ୍ରକାଶିତ ୧୫୦ରୁ ଅଧିକ ପୁସ୍ତକର ଲେଖକ ଉପସ୍ଥିତ ଥିଲେ। କବି ପବିତ୍ର ମୋହନ କର ଧନ୍ୟବାଦ ଅର୍ପଣ କରିବା ସହ ସଭା ପରିଚାଳନା କରିଥିଲେ।

# ରାଜ୍ୟ ସଂଗ୍ରହାଳୟରେ ରଜ ମହୋତ୍ସବ ଉଦ୍‌ଯାପିତ







ଭୁବନେଶ୍ୱର, ୧୬।୬(ସମିସ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର 'ଶିଶୁ ବିକାଶ କେନ୍ଦ୍ର'ର ପିଲାମାନେ ସାମିଲ୍ ହୋଇଥିଲେ। ଖୋର୍ଦ୍ଧା ଜିଲ୍ଲାର ଆଇନ୍ ସଂଘର ସମ୍ପାଦିକା ସୌଦାମିନୀ ସିଂ, ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକଙ୍କ ସମେତ ଅନ୍ୟ ସୁରକ୍ଷା ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ସଂଗ୍ରହାଳୟ ପରିଦର୍ଶନରେ ଆଣିଥିଲେ। ସେମାନେ ପ୍ରଥମେ ରଜଦୋଳି ଖେଳି ମ୍ୟୁଜିୟମ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ଜୀବନଶୈଳୀ କିପରି ଉତ୍ତମରୂପେ ଗଢ଼ି ପାରିବେ ଏବଂ ନିଜକୁ ଜଣେ ଭଲ ଓ ବଡ଼ ମଣିଷ କରି ତିଆରି କରିପାରିବେ, ସେ ସମ୍ପର୍କରେ ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଚିତ୍ରଶିଳ୍ପୀ ରାମହରି ଜେନା ଯୋଗଦେଇଥିଲେ। ସକାଳ ସମୟରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାବେଳେ, ଅପରାହ୍ଣ ୪ଟାରେ ମହିଳାମାନଙ୍କ ପାଇଁ ମ୍ୟୁଜିକାଲ୍ ଚେୟାର କାର୍ଯ୍ୟକ୍ରମ ହୋଇଥିଲା। ପରେ ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ତାଙ୍କ ନୃତ୍ୟଶିଳ୍ପୀଙ୍କୁ ନେଇ ନୃତ୍ୟ ପରିବେଷଣ କରିଥିଲେ।

# ଦୋଳିରେ ଝୁଲିଲେ, ପୁଚି ଖେଳିଲେ ରଜ କୁମାରୀ

## ଭିଏସ୍ଏସ୍ ନଗର ରଜ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୬।୬(ସମିସ): ଭିଏସ୍ଏସ୍ ନଗରସ୍ଥିତ ମା' ଗୋଜବାୟାଣୀ ଯୁବକ ସଂଘ ପକ୍ଷରୁ ଚଳିତବର୍ଷ ପ୍ରଥମଥର ପାଇଁ ଗୋଜବାୟାଣୀ ଖେଳ ପଡ଼ିଆରେ ତିନି ଦିନ ଧରି ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବକୁ କ୍ଲବ୍‌ର ଉପଦେଷ୍ଟା ଡ. ପ୍ରକାଶ ତ୍ରିପାଠୀ ଓ ସାଇବର ଥାନାଧିକାରୀ ତେରେସ୍କୋଭା ମହାପାତ୍ର ଉଦ୍‌ଘାଟନ୍ କରିଥିଲେ। ରଜରେ ସ୍ଥାନୀୟ ଅଞ୍ଚଳର ଯୁବତୀମାନେ ଦୋଳି ଖେଳିବାର ମଜା ନେବା ସହ ବିଭିନ୍ନ ପ୍ରକାର ଖେଳ କୁଦ ତଥା ମ୍ୟୁଜିକ୍ ଚେୟାର, କ୍ରିକେଟ, ଲୁଡୁ, ପିଠା ପ୍ରତିଯୋଗିତା, ପୁଚି, ସ୍ଲୋ ସାଇକେଲ ଚାଳନା, ରଙ୍ଗୋଲି, ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବ୍‌ର ସଦସ୍ୟ



କାର୍ତ୍ତିକେଶ୍ୱର ମହାପାତ୍ର, ବିଶ୍ୱଜିତ ଦାସ, ଦିଲ୍ଲୀପ କୁମାର ସାହୁ, ମହେଶ୍ୱର ଗୟା, ଦେବେନ୍ଦ୍ର ଦାସ, ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ପରିଚାଳନା କରିଥିଲେ। ସମଗ୍ର ଅଞ୍ଚଳରେ ପ୍ରଥମଥର ପାଇଁ ଏଭଳି ନିଆରା କାର୍ଯ୍ୟକ୍ରମ ସାମାଜିକ ସମ୍ପର୍କ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।

## ସ୍ୱସ୍ତିବନରେ ଦୋଳି ଖେଳିଲେ ବିଧାୟକ



ନନ୍ଦନକାନନ, ୧୬।୬(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁରସ୍ଥିତ ସ୍ୱସ୍ତିବନରେ ଚାଲିଥିବା ରଜ ମହୋତ୍ସବରେ ରବିବାର ତଥା ଭୂମି ଦହନରେ ବିଧାୟକ ସୁଶାନ୍ତ କୁମାର ରାଉତ ଲୋକମାନଙ୍କ ସହ ସାମିଲ୍ ହୋଇ ରଜ ପର୍ବର ଖୁସି ବାଣ୍ଟିଛନ୍ତି। ଛୋଟ ଛୋଟ ପିଲାମାନଙ୍କ ସହ ଭାବ ଆଦାନପ୍ରଦାନ ପୂର୍ବକ ଦୋଳି ଖେଳି ରଜ ମଉଜ କରିଛନ୍ତି। ରଜ ମହୋତ୍ସବର ସଫଳତାରେ ହାତ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଗଣ୍ଡରପୁର ହାଇସ୍କୁଲର ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଦୁର୍ଯ୍ୟୋଧନ ସାହୁଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିବା ସହ ଆଗକୁ ଆହୁରି ସଫଳତା ପାଇଁ ଆଶୀର୍ବାଦ କରିଥିଲେ। ବହୁ ଗୁଳୁଗୁଳି ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ଭୁବନେଶ୍ୱର ଉପକଣ୍ଠ ସମେତ ଦୂରଦୂରାନ୍ତରୁ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ସୁବାସ ଚନ୍ଦ୍ର ପାତ୍ର, ସନ୍ତୋଷ ନାଥ, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହନ ଦାସ, ନିର୍ମଳ ରାଉତ, ପୂର୍ବତନ ସରପଞ୍ଚ ଗୋପୀନାଥ ଦାଶ, ବିକ୍ରମ ସ୍ୱାଇଁ, ରାଜ କିଶୋର ସ୍ୱାଇଁ, ବସନ୍ତ ସ୍ୱାଇଁ, ସନତ ସ୍ୱାଇଁ, ସୁକାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସନତ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ରଜ ମହୋତ୍ସବ ସୋମବାର ମଧ୍ୟ ଏଠାରେ ପାଳନ ହେବା ନେଇ ବିଧାୟକ କହିଥିଲେ।

## ପ୍ରଚେଷ୍ଟା ଟ୍ରଷ୍ଟ ପକ୍ଷରୁ ରଜ ମଉଜ



ଭୁବନେଶ୍ୱର, ୧୬।୬(ସମିସ): ପ୍ରଚେଷ୍ଟା ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ରଜ ମଉଜ' ଧୁମ୍‌ଧାମ୍ ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ବ୍ୟାପି ଚାଲୁ ରହିଥିଲା। ଏଠାରେ ଶହ ଶହ ସଂଖ୍ୟାରେ ଯୁବକ ଓ ଯୁବତୀ ଦୋଳି ଖେଳିଥିବାବେଳେ ପୁଚି, ସଙ୍ଗୀତ, ନୃତ୍ୟ, ମେହେନ୍ଦି ଏବଂ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଚେୟାରମ୍ୟାନ ପ୍ରଚୋତସ ପ୍ରିୟଦର୍ଶୀ, ମ୍ୟାନେଜିଂ ଟ୍ରଷ୍ଟି ବିଭୁ ମହାନ୍ତି ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା କଳିଙ୍ଗ ନଗର କେ-୮ ରଜୋତ୍ସବ



ଭୁବନେଶ୍ୱର, ୧୬।୬(ସମିସ): କଳିଙ୍ଗ ନଗର କେ-୮ ଅଞ୍ଚଳରେ ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ରଜୋତ୍ସବ ଆୟୋଜିତ ହୋଇଥିଲା। ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରଜ ଅବସରରେ ରଜ ପାନ, ପୋଡ଼ପିଠା, ମଣ୍ଡାପିଠା ଓ ଘୁଗୁନି ଭଳି ଦେଶୀ ଖାଦ୍ୟର ଆସର ଜମିଥିଲା। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାଶରଥି ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ରଜୋତ୍ସବର ଉଦ୍ଦେଶ୍ୟ ସମ୍ପର୍କିତ ଅଭିଭାଷଣ ପରେ ସଭାପତି ଗିରିଜା ପ୍ରସାଦ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ନିହାରୀକା ମିଶ୍ର, ସୁରେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ୱିଜ୍ ଏକକ ସଙ୍ଗୀତ ଓ ଅନ୍ତାକ୍ଷରୀ ପ୍ରତିଯୋଗିତା ସମତେ ପିଏସ୍ଏନ୍ ପାତ୍ରଙ୍କ ଦ୍ୱାରା 'ହାଉସି ହାଉସି' କାର୍ଯ୍ୟକ୍ରମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଅନୁଷ୍ଠାନର ସଦସ୍ୟ ବିରଞ୍ଚି ନାରାୟଣ ଧଳ, ସୁଶାନ୍ତ କୁମାର ପଟ୍ଟନାୟକ, ପ୍ରମୋଦ କିଶୋର ଶତପଥୀ, ପ୍ରଜିତ୍ କୁମାର ମହାନ୍ତି, ପ୍ରହ୍ଲାଦ ପଣ୍ଡା, ବୀର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜିତ କରିବାରେ ସହାୟତା କରିଥିଲେ।



୧୬/୬/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୦,୦୯,୫୧୯/- ସୁନା: ୨୩.୮୦୦ ଗ୍ରାମ୍ ରୁପା: ୪୨.୪୫୦ ଗ୍ରାମ୍



# ୧୯ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ, ୧୬।୬(ସମିସ):** ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ମୁଖ୍ୟତଃ ଗତ ପରିଚାଳନା କମିଟି ବୈଠକର ବିବରଣୀ ଦୃଢ଼ୀକରଣ କରାଯିବ। ସେହିପରି ରାଜେନ୍ଦ୍ରାଭିଷେକଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଏବଂ ସ୍ନାନଯାତ୍ରାର ବ୍ୟବସ୍ଥାବଳୀ ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ

- ରାଜେନ୍ଦ୍ରାଭିଷେକଠାରୁ ସ୍ନାନପୂର୍ଣ୍ଣିମା ନୀତି ଅନୁମୋଦନ ହେବ
- ସ୍ନାନଯାତ୍ରା ବ୍ୟବସ୍ଥାବଳୀରେ ବାଜିବ ମୋହର

ଅନୁମୋଦନ କରାଯିବ। ଗତ ୧୪ ତାରିଖରେ ଅନୁଷ୍ଠିତ ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ସ୍ନାନଯାତ୍ରା ନୀତି ନିର୍ଘଣ୍ଟ ଏବଂ ସ୍ନାନଯାତ୍ରାର ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଥିଲା। ପରିଚାଳନା କମିଟିରେ ସ୍ନାନଯାତ୍ରା ନୀତି ଅନୁମୋଦନ ହେବ ଏବଂ ବ୍ୟବସ୍ଥାବଳୀରେ ମୋହର ବାଜିବ। ସଭାପତିଙ୍କ ଅନୁମୋଦନକ୍ରମେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇପାରେ। ଯେ ହେତୁ ଆଗକୁ ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଆସୁଛି ନୀତିକାନ୍ତି କିପରି ସୁରୁଖୁରରେ ଏବଂ ନିର୍ଘଣ୍ଟ ସମୟରେ କରାଯିବ ତାହା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯିବ। ବିଶେଷକରି ଚାରିଦ୍ୱାର ଖୋଲିବା ପରେ ଭିତରେ ଯେପରି ଭିଡ଼ ହେଉଛି, ଭକ୍ତମାନେ ଭଲ ଭାବେ ଦର୍ଶନ କରିପାରୁନାହାନ୍ତି, ଅନେକ ଅଣନିଶ୍ୱାସୀ ହୋଇପଡୁଛନ୍ତି ତା' ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

ଶଙ୍କରାଚାର୍ଯ୍ୟଙ୍କ ସମାଧି ଭାଙ୍ଗିବା ଘଟଣା

# ମଠ ଜମି ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

**ପୁରୀ, ୧୬।୬(ସମିସ)**

ଗୋବର୍ଦ୍ଧନ ମଠ ପରିସରରେ ଥିବା ପୂର୍ବତନ ଶଙ୍କରାଚାର୍ଯ୍ୟମାନଙ୍କ ସମାଧି ଭାଙ୍ଗି ଜମି ହଡ଼ପ କରିବାର ଯୋଜନା ହୋଇଛି। ଏ ନେଇ ଶନିବାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅସାମାଜିକ ଏବଂ ଜମି ମାଫିଆଙ୍କ କବଳରୁ ମଠ ଜମିକୁ ଉଦ୍ଧାର ପାଇଁ ନିବେଦନ କରାଯାଇଛି।

ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଏହି ଚିଠିରେ ଦର୍ଶାଯାଇଛି ଯେ, ପୁରୀ ବାଲିସାହିରେ ଅବସ୍ଥିତ ସର୍ବପ୍ରାଚୀନ ଓ ସର୍ବପ୍ରଥମ ମଠ ଭାବେ ଗୋବର୍ଦ୍ଧନ ମଠ ପରିଚିତ। ବର୍ତ୍ତମାନ ସୁଦ୍ଧା ଏହି ମଠରେ ୧୪୫ ଜଣ ଶଙ୍କରାଚାର୍ଯ୍ୟ ନିଜର ବୈଦିକ ଜ୍ଞାନ ବିତରଣ କରି ଭାରତର ସାହିତ୍ୟ, ସଂସ୍କୃତିକୁ ସମୃଦ୍ଧ କରି ଯାଇଛନ୍ତି। ତେବେ ଗୋବର୍ଦ୍ଧନମଠର ଶଙ୍କରାଚାର୍ଯ୍ୟମାନେ ବ୍ରହ୍ମଲୀନ ହେଲେ ବା ଇହଲୀଳା ସମ୍ବରଣ କଲେ ସେମାନଙ୍କୁ ସମାଧି ଦିଆଯାଇ ସମାଧି ସ୍ଥଳରେ ଶିବଲିଙ୍ଗ ପ୍ରତିଷ୍ଠା ପୂର୍ବକ ଗୋବର୍ଦ୍ଧନମଠ ତରଫରୁ ଦୈନନ୍ଦିନ ପ୍ରାତଃ ଓ ସନ୍ଧ୍ୟାରେ ପୂଜନ କରାଯାଏ। ଏହା ବୈଦିକ ପ୍ରଥା ଓ ପରମ୍ପରା ପ୍ରକୃଷ୍ଟ ପ୍ରମାଣ ଅଟେ। ଏହି ପରମ୍ପରାକୁ ଆଧାର କରି ପ୍ରାୟ ୧୩୧ ଜଣଙ୍କ ସମାଧି ମନ୍ଦିରରେ ମଠ ତରଫରୁ ନିତ୍ୟ ପୂଜା କରାଯାଉଥିଲା। ହେଲେ କିଛି ଜମି ଦଲାଲ, ଅସାମାଜିକ ବ୍ୟକ୍ତି, ଜମି ମାଫିଆ ଏହି ଜମିକୁ ହଡେଇବା ପାଇଁ ଉପରୋକ୍ତ ସମାଧି ମନ୍ଦିରଗୁଡ଼ିକ ଭାଙ୍ଗି ସେଥିରେ ପୂଜିତ ହେଉଥିବା ଶିବଲିଙ୍ଗଙ୍କୁ ଅନ୍ୟତ୍ର ନେଇ ବିକ୍ରୟ କରିଛନ୍ତି। ସେହି ଜମିରେ ହୋଟେଲ, ଲଜିଂ ଇତ୍ୟାଦି ଗଢ଼ି ଉଠିଛି, ଯାହାକି ସନାତନ ହିନ୍ଦୁ ଧର୍ମ ପ୍ରତି କୁଠାରଘାତ। ଦୁଃଖର ବିଷୟ ଗୋବର୍ଦ୍ଧନ ମଠର ୧୩୧ଟି ସମାଧି ମନ୍ଦିର ମଧ୍ୟରୁ ବର୍ତ୍ତମାନ ମାତ୍ର ୧୯ଟିରେ ମଠ ତରଫରୁ ପୂଜା କରାଯାଉଛି ଓ ୨ଟି ସମାଧି ମନ୍ଦିର ଜବରଦଖଲରେ ରହିଛି। ବର୍ତ୍ତମାନ ଦୁଇଟି ସମାଧି ମନ୍ଦିରକୁ ଅସାମାଜିକ ବ୍ୟକ୍ତି ଓ ଜମି ଦଲାଲମାନେ ସେମାନଙ୍କ କବ୍‌ଜାକୁ ନେଇ ସମାଧି ମନ୍ଦିରକୁ ଭାଙ୍ଗିବାରେ ଲାଗିଛନ୍ତି। ଏଥି ସହିତ ସେହି ପାଖାପାଖି ସ୍ଥାନରେ ଆହୁରି ଅନେକ ସମାଧି ମନ୍ଦିରକୁ



ହୋଟେଲ, ଲଜିଂ ମାଲିକମାନେ ନିଜ ଦଖଲରେ ରଖି ତା'ଉପରେ ହୋଟେଲ ନିର୍ମାଣ କରିଛନ୍ତି। ଫଳରେ ବ୍ରହ୍ମଲୀନ ଶଙ୍କରାଚାର୍ଯ୍ୟମାନଙ୍କ ପ୍ରତି ଅସୌଜନ୍ୟ, ଅସମ୍ମାନ ଓ ଅବହେଳା କରାଯାଉଛି। ବୈଦିକ ପରମ୍ପରା ଅନୁସାରେ ସେମାନଙ୍କର ପୂଜନ ବିଧି ହୋଇପାରୁ ନାହିଁ। ତେଣୁ ଏହି ସମାଧି ମନ୍ଦିରଗୁଡ଼ିକ କେଉଁମାନେ ଦଖଲରେ ରଖିଛନ୍ତି ଏହାର ନିରପେକ୍ଷ ତଦନ୍ତ ସହ ସମାଧି ମନ୍ଦିରଗୁଡ଼ିକୁ ଉଦ୍ଧାର କରି ଗୋବର୍ଦ୍ଧନ ମଠକୁ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି ମଠର କାର୍ଯ୍ୟକର୍ତ୍ତା।

ସୂଚନାଥାଉ କି, ହିନ୍ଦୁ ଧର୍ମର ପୁନଃ ସ୍ଥାପନା ବେଳେ ଆଦି ଶଙ୍କରାଚାର୍ଯ୍ୟ ଭାରତର ଚାରିଦିଗରେ ୪ଟି ମଠ ସ୍ଥାପନା କରିଥିଲେ। ତନ୍ମଧ୍ୟରୁ ପୂର୍ବ ଦିଗରେ ପୁରୀର ମହୋଦଧି ତୀରରେ ପ୍ରତିଷ୍ଠିତ ଏହି ମଠ ଗୋବର୍ଦ୍ଧନ ପୀଠ ବା ଗୋବର୍ଦ୍ଧନ ମଠ ନାମରେ ପ୍ରସିଦ୍ଧ। ଚାରି ମଠରେ ୪ ଜଣ ପ୍ରମୁଖ ଶିଷ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ପ୍ରମୁଖ ଶିଷ୍ୟଙ୍କ ସ୍ଥାନ ଗ୍ରହଣ କରିଥିବା ମଠାଧୀଶ ଶଙ୍କରାଚାର୍ଯ୍ୟ ଭାବରେ ପରିଚିତ ହେଲେ। ଗୋବର୍ଦ୍ଧନ ପୀଠର ପ୍ରଥମ ଶଙ୍କରାଚାର୍ଯ୍ୟ ହେଉଛନ୍ତି ପଦ୍ମପାଦାଚାର୍ଯ୍ୟ। ନିରଞ୍ଜନ ଦେବତୀର୍ଥଙ୍କ ପରେ ବର୍ତ୍ତମାନ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ମଠର ଜମିକୁ ଏବେ ମାଫିଆ ମାଡ଼ିବାକୁ ଯୋଜନା କରୁଛନ୍ତି। କେହି ଦୁର୍ବୃତ୍ତ ଗତ ବୁଧବାର ରାତିରେ ପାଚେରି ସହିତ କିଛି ସମାଧି ମନ୍ଦିର ଭାଙ୍ଗି ଦେଇଛନ୍ତି।



ଆଗେଇ ଚାଲିଛି ରଥ ନିର୍ମାଣ





ଶ୍ରୀମନ୍ଦିରରେ ପ୍ରବଳ ଭିଡ଼; ବାହାରେ ଶ୍ରଦ୍ଧାଳୁ

## ଶ୍ରୀମନ୍ଦିର ହୁଣ୍ଡିରେ ଭିଡ଼ର ପ୍ରଭାବ

# ବାହାରିଲା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

**ପୁରୀ, ୧୬।୬(ସମିସ)**

**୨୩ ଗ୍ରାମ ସୁନା, ୪୨ ଗ୍ରାମ୍ ରୁପା ବି ମିଳିଛି**

ରବିବାର ସାଙ୍ଗକୁ ଶେଷ ରଜ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସକାଳୁ ପୁରୀକୁ ଛୁଟିଆସିଥିଲେ ହଜାର ହଜାର ଭକ୍ତ। ଫଳରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଆଉ ଏହାର ପ୍ରଭାବ ବଡ଼ଦାଣ୍ଡ ସମେତ ସହରର ପ୍ରମୁଖ ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାରେ ହିଁ ଜଣାପଡ଼ିଥିଲା। ବିଶେଷକରି ସହରରେ ଟ୍ରାଫିକ ଅଣାୟତ୍ତ ହୋଇପଡ଼ିଥିଲା। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ପ୍ରତି ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବା ଲାଇନରେ ଥିବା ଦେଖିବାକୁ ମିଳିଥିଲା। ଏମିତି ଭିଡ଼ ସକାଳୁ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା। ଅନ୍ୟପକ୍ଷରେ ଏହି ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡି ଉପରେ ମଧ ପଡ଼ିଥିଲା। ଫଳରେ ହୁଣ୍ଡିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୨୩ ଗ୍ରାମ ସୁନା ଏବଂ ୨୪ ଗ୍ରାମ ରୁପା ବାହାରିଛି।

ରବିବାର ଥିଲା ଶେଷ ରଜ। ତେଣୁ ସକାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଧୀରେ ଧୀରେ ଗହଳି ହୋଇଥିଲା। ସକାଳ ୯ଟା ବେଳକୁ ଭିଡ଼ ଏମିତି ହୋଇଥିଲା

ଯେ, ମେଡିକାଲ ଛକ ନିକଟରେ ବଡ଼ଦାଣ୍ଡ ହେଉ କି ଜେଲ୍‌ରୋଡ ପାର୍ଶ୍ୱ ଅବା ଭିଆଇପି ରୋଡ୍ ପାର୍ଶ୍ୱ ଏହିସବୁ ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବା ଲାଇନରେ ରହିଥିଲା। ପୁଲିସ ଭୁବନେଶ୍ୱର ଆଡୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକୁ ଆଉ ମାର୍କେଟ ଛକ ଆଡ଼କୁ ଛାଡି ନ ଥିଲା। ଫଳରେ ବେଳାଭୂମି ରାସ୍ତା ହେଉ କି ସହରର ଅନ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏହାକୁ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ୍ ହେ ହ ବ । କୁ

ପଡ଼ିଥିଲା। ସେହିପରି ବେଳାଭୂମିରେ ମଧ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ଛୁଟି ଥିବାରୁ ପର୍ଯ୍ୟଟକମାନେ ପୁରୀକୁ ଆସିଥିଲେ। ଫଳରେ ବେଳାଭୂମି ରାସ୍ତାରେ ବି ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହି ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ପ୍ରତିଫଳିତ ହୋଇଥିଲା। ରବିବାର ହୁଣ୍ଡିରୁ ୧୦ଲକ୍ଷ ୯ ହଜାର ୫୧୯ ଟଙ୍କା ବାହାରିଥିବା ବେଳେ ୨୩ ଗ୍ରାମ୍ ୮୦୦ ମିଲିଗ୍ରାମ୍ ସୁନା ଓ ୪୨ ଗ୍ରାମ୍ ୪୫୦ ମିଲିଗ୍ରାମ୍ ରୁପା ମିଳିଛି।

## ଶ୍ରୀମନ୍ଦିରରେ ଦର୍ଶନ; ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ

# ଛୁଟିଦିନରେ ହେବ ସ୍ୱତନ୍ତ୍ର ବ୍ୟବସ୍ଥା: ଏସ୍‌ପି

**ପୁରୀ, ୧୬।୬(ସମିସ)**

ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ଭିତରେ ସ୍ଥିତି ଅଣାୟତ ହୋଇପଡୁଛି। ତିନି, ଚାରିଦିନ ହେବ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ହଇରାଣ ହେଉଛନ୍ତି ଭକ୍ତ। ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ କରାଯିବ ସେ ନେଇ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଚିନ୍ତାରେ ପଡ଼ିଛନ୍ତି। ରବିବାର ପାଇଁ ପୁଲିସ ପକ୍ଷରୁ ମନ୍ଦିର ବାହାର, ଭିତର ଏବଂ ଟ୍ରାଫିକ ନିୟନ୍ତ୍ରଣ



ପାଇଁ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବଢ଼ାଇ ଦିଆଯାଇଛି। ୪ ଜଣ ଆଡିଶନାଲ ଏସ୍‌ପି ଓ ଡେପୁଟି କାମାଣ୍ଡାଣ୍ଟ, ୭ ଜଣ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୧୬ ଜଣ ଇନ୍ସପେକ୍ଟର, ୬୬ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୮୨ ଜଣ ହାବିଲଦାର, କନଷ୍ଟେବଳ ଓ ମହିଳା କନଷ୍ଟେବଳ, ୧୨ ଜଣ ଟ୍ରାଫିକ, ୪୮ ଜଣ ହୋମ୍‌ଗାର୍ଡଙ୍କ ସମେତ ୧୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏହାସତ୍ତ୍ୱେ ଏତେଟା ସୁଧାର ଆସୁନାହିଁ। ରବିବାର ବି ଅନେକ ଭକ୍ତ ଦର୍ଶନ କରି ନ ପାରି ଫେରିଥିବା ବେଳେ ଆଉ କେତେଜଣ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଚାରିଦ୍ୱାର ଦେଇ ଭକ୍ତ ଭିତରକୁ ଯାଉଛନ୍ତି ଏବଂ ବାହାରୁଛନ୍ତି। କିନ୍ତୁ ରଜ ସାଙ୍ଗକୁ ଶନିବାର ଏବଂ ରବିବାର ଛୁଟିଦିନ ଯୋଗୁ ପୁରୀରେ ଅହେତୁକ ଭିଡ଼ ହୋଇଛି। ଯେ ହେତୁ ଏକ ନୂଆ ବ୍ୟବସ୍ଥା ଆରମ୍ଭ ହୋଇଛି ତେଣୁ ଅଧିକ ସଂଖ୍ୟାରେ ଭକ୍ତ ଯେପରି ଠାକୁରଙ୍କୁ ଦର୍ଶନ କରିବେ ସେଥିଲାଗି ଆମେ ଯତ୍ନବାନ ଅଛୁ। କିନ୍ତୁ ଭିତରେ ଭିଡ଼ ଯୋଗୁ ଭକ୍ତଙ୍କୁ ବାହାରେ ଅପେକ୍ଷା କରିବାକୁ ପଡୁଛି। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିତରେ ଭିଡ଼କୁ ନେଇ ଯେପରି କୌଣସି ଅଘଟଣ ନ ଘଟିବ ତାକୁ ପ୍ରାଥମିକତା ଦେଇଛୁ। ବିଶେଷକରି ଛୁଟିଦିନ ଏବଂ ବିଭିନ୍ନ ପର୍ବପର୍ବାଣୀ ଦିନରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଚିନ୍ତା କରୁଛୁ। ଏ ନେଇ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଉଛି ବୋଲି କହିଛନ୍ତି ଏସ୍‌ପି ଶ୍ରୀ ମିଶ୍ର।

# ନିର୍ମଳଝରର ପ୍ରକଳ୍ପ ଉଦ୍‌ଘାଟିତ



**ପୁରୀ, ୧୬।୬(ସମିସ):** ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରବିବାର ପୁରୀ ସଦର ବ୍ଲକ ହନ୍ତୁକ ପଞ୍ଚାୟତରେ ଏକ ନିର୍ମଳ ଝର ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଗାଁର ବଡ଼ ପୋଖରୀ ପାଣିକୁ ଯାନ୍ତ୍ରିକ ପଦ୍ଧତିରେ ବିଶୁଦ୍ଧ କରି ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନର ସର୍ବଭାରତୀୟ ସଭାପତି ନିମେଶ ପାଣ୍ଡିଆ, ସେବା ସଂଯୋଜକ କୋଟେଶ୍ୱର ରାୟ, ପୂର୍ବମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସର, ସଙ୍ଗଠନର ଓଡ଼ିଶା ଟ୍ରଷ୍ଟ ଆବାହକ ଅକ୍ଷୟ କୁମାର ପତି, ପୂର୍ବତନ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଶ୍ରୀସତ୍ୟସାଇ ଓଡ଼ିଶା ନର୍ମଳ ଝର ଆବାହକ ଅଶୋକ ବିଶ୍ୱାଳ, ହନ୍ତୁକ ସରପଞ୍ଚ କନକଲତା ପତି, ସଙ୍ଗଠନର ପୁରୀ ଜିଲ୍ଲା ସଭାପତି ବଂଶୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

